



## ଆପାର୍ଟମେଣ୍ଟର ଫ୍ଲାଟ୍‌ରୁ ଲୁଟ୍ ମାମଲା

# ସ୍ପେଶାଲ୍ ସ୍କ୍ୱାଡ୍ ପଞ୍ଝାରେ 'ଫୌଜୀ' ଗ୍ୟାଙ୍ଗ୍

**ଭୁବନେଶ୍ୱର, ୧୮ ।୧(ସମିସ):**

ସାରାଦେଶ ଲାଗି ଥିଲେ ମୋଷ୍ଟୱାଣ୍ଟେଡ୍। ନୂଆ କାର୍ ଧରି ସଡ଼କ ପଥରେ ରାଜ୍ୟକୁ ରାଜ୍ୟ ବୁଲି ଅପରାଧ ଘଟାଉଥିଲେ। ହରିୟାଣାରୁ ଅପରାଧ ଘଟାଇବା ଲାଗି ୧୮ ଶହ କିଲୋମିଟର ଭୁବନେଶ୍ୱରକୁ ସଡ଼କ ପଥରେ ଆସିଥିଲେ। ସୁରକ୍ଷା ତ୍ରୁଟି ଥିବା ଆପାର୍ଟମେଣ୍ଟରେ ପଶି ଫ୍ଲାଟ୍‌ର ତାଲା ଭାଙ୍ଗି ଲୁଟୁଥିଲେ। ଏଠାରୁ ଲୁଟ୍‌କରି ସିଧା ନିଜ ରାଜ୍ୟକୁ ପଳାଉଥିଲେ। ନୂଆପଲ୍ଲୀର ଏକ ଆପାର୍ଟମେଣ୍ଟରୁ ୧୩ ଲକ୍ଷ ଟଙ୍କା ଲୁଟିଥିବା ଏକ ଆନ୍ତଃରାଜ୍ୟ

### ଦୁଇ ମୋଷ୍ଟ ୱାଣ୍ଟେଡ୍ ଆନ୍ତଃରାଜ୍ୟ ଲୁଟେରା ଗିରଫ

### ୨ ଲକ୍ଷ ଟଙ୍କା, କାର୍ ଓ ମୋବାଇଲ୍ ଫୋନ୍ ଜବତ

### ୧୧ରାଜ୍ୟରେ ୧୦ ବର୍ଷ ଧରି ସକ୍ରିୟ ଥିଲା ସାମ୍ରାଜ୍ୟ

### ରିମାଣ୍ଡରେ ଆସିବେ ଦୁଇ ଗିରଫ ଅଭିଯୁକ୍ତ

ଫୌଜୀ ଗ୍ୟାଙ୍ଗ୍‌ର ୨ସଦସ୍ୟଙ୍କୁ ଗୁରୁବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅହମ୍ମଦାବାଦର ଦିନେଶ କୁମାର ଶାହା(୪୨) ଓ ହରିୟାଣାର ମହେନ୍ଦ୍ରଗଡ଼ର ପୱନ କୁମାର(୩୬)। ସେମାନଙ୍କ ଠାରୁ ନଗଦ ୨ଲକ୍ଷ ୧୫ହଜାର ଟଙ୍କା, କାର୍ ଓ ମୋବାଇଲ ଫୋନ୍ ଜବତ ହୋଇଛି। ଗତ ୧୦ ବର୍ଷ ହେବ ଗୁଜରାଟ, ହରିୟାଣା, ରାଜସ୍ଥାନ, ତେଲେଙ୍ଗାନା, କର୍ଣ୍ଣାଟକ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ଏବଂ ଓଡ଼ିଶାରେ ଏହି ଗ୍ୟାଙ୍ଗ୍ ସକ୍ରିୟ ରହିଥିଲା। ଆଧା ରାଜ୍ୟରେ ୨୦ରୁ ଅଧିକ ମାମଲାରେ ଏମାନଙ୍କ ସମ୍ପୃକ୍ତି ରହିଛି। ଗ୍ୟାଙ୍ଗ୍‌ର କିଛି ସଦସ୍ୟ ଗୁଜରାଟ ଜେଲ୍‌ରେ ରହିଥିବା ବେଳେ ଆଉ କିଛି ବିଭିନ୍ନ ରାଜ୍ୟରେ ଏବେ ବି ସକ୍ରିୟ ରହି ଅପରାଧ ଘଟାଉଛନ୍ତି।



ସେହିପରି ୨୦୨୨ ମସିହାରେ ରେଣ୍ଟାଲ୍ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ନଗଦ ୮ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ମାମଲାରେ ଏହି ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଆଜି ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତି ଅନ୍ୟମାନେ ଫେରାର୍ ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରାଯିବା ସହ ଧରିବା ଲାଗି ସେଇ ରାଜ୍ୟକୁ କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଟିମ୍ ଯିବ। ଏଥିସହ ଗିରଫ ଦିନେଶ ଓ ପୱନର ଟିଆଇ ପରେଡ୍ ସହ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

**◆ ଘରଭଡ଼ା ପଚାରି ୧୩ ଲକ୍ଷ ଲୁଟିଥିଲେ**

ନୂଆପଲ୍ଲୀର ଥିବା ନିରୂପମା ଆପାର୍ଟମେଣ୍ଟରେ ରୁହନ୍ତି ଅନୁସୟା ମହାନ୍ତି। ଗଲା ଡିସେମ୍ବର ୨୩ରେ ଅନୁସୟାଙ୍କ ପରିବାର ଘରେ ତାଲା ପକାଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ସମୟରେ ଦିନେଶ ଓ ପୱନ ଏବଂ ଦୁଇ ସହଯୋଗୀ ମିଶି ଏକ ଧଳାରଙ୍ଗର କାର୍‌ରେ ଆପାର୍ଟମେଣ୍ଟ ଭିତରକୁ ପଶିଥିଲେ। ପରେ ଅନୁସୟାଙ୍କ ଘର ବାହାରୁ ପଟୁ ତାଲା ପଡ଼ିଥିବାରୁ ତାଲାକୁ ଭାଙ୍ଗି ୧୩ ଲକ୍ଷ ଟଙ୍କା ଲୁଟ୍ କରିଥିଲେ। ଲୁଟ୍ କରି ଫେରିବା ସମୟରେ ଅନୁସୟାଙ୍କ ସହ ପୱନ ଓ ଦିନେଶଙ୍କ ଦେଖା ହୋଇଥିଲା। ଅନୁସୟାଙ୍କୁ ଏହି ଆପାର୍ଟମେଣ୍ଟରେ ଘର ଭଡ଼ା ମିଳୁଛି କି ନାହିଁ ପ୍ରଶ୍ନ କରିଥିଲେ। ଯାହା ଘରୁ ୧୩ ଲକ୍ଷ ଲୁଟ୍ କରିଛନ୍ତି ସେ ହିଁ ଉକ୍ତ ମହିଳା ବୋଲି ଆଦୌ ଅବଗତ ନ ଥିଲେ ଦୁଇ ଅପରାଧୀ। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଦେଖି ରାଜ୍ୟ ବାହାର ଅପରାଧୀ ବୋଲି ଚିହ୍ନଟ କରିଥିଲା। ପରେ ଟାୱାର ଡମ୍ପ କରି ଅପରାଧୀଙ୍କ ଫୋନ୍ ନମ୍ବରକୁ ଟ୍ରାକିଂ କରିଥିଲା। ଉକ୍ତ ଫୋନ୍ ନମ୍ବର ଟି ହରିୟାଣାରେ ଆକ୍ଟିଭ ଥିବା ଜାଣି ସ୍ପେଶାଲ ସ୍କ୍ୱାଡ ଓ ନୂଆପଲ୍ଲୀ ଥାନା ପୁଲିସର ଗୋଟିଏ ଟିମ୍ ସେଠାକୁ ଯାଇ ଉଠାଇ ଆଣିଥିଲା।

**◆ ଲୁଟ୍ ପାଇଁ ଲମ୍ବାଯାତ୍ରା**

ଅପରାଧୀମାନେ ଲୁଟିବାକୁ କାର୍‌ରେ ୧୭ଶହରୁ ୧୮ଶହ କିଲୋମିଟର ଆସୁଥିଲେ। ହରିୟାଣା ଓ ଅହମ୍ମଦାବାଦରୁ ନୂଆ କାର୍ କିଣି ଓଡ଼ିଶାକୁ ଆସୁଥିଲେ। ଓଡ଼ିଶାରୁ ଅତିକମ୍‌ରେ ୫ ଲକ୍ଷ ଲୁଟିବା ଲାଗି ସେମାନଙ୍କୁ ଟାର୍ଗେଟ୍ ଦିଆଯାଉଥିଲା। ୫ଲକ୍ଷରୁ ଅଧିକ ଟଙ୍କା ନ ଲୁଟିବା ଯାଏଁ ଭଡ଼ା ନେଇ ହୋଟେଲ୍‌ରେ ରହୁଥିଲେ। ଟାର୍ଗେଟ୍ ପୂରଣ ହେବା ପରେ ବାଲେଶ୍ୱର, ବାରିପଦା ଏବଂ ନାଗପୁର ଦେଇ ସିଧା ନିଜ ରାଜ୍ୟକୁ ପଳାଉଥିଲେ। ସ୍ଥାନୀୟ ପୁଲିସ ଓ ସରପଞ୍ଚ ସହଯୋଗରେ ସାରାଦେଶରେ ଅପରାଧ ଘଟାଉଥିବା କୁହାଯାଉଛି। କମିସନରେଟ୍ ପୁଲିସର କହିବାନୁଯାୟୀ ଯେତେବେଳେ ଦିନେଶ ଓ ପୱନକୁ ଗିରଫ କରାଗଲା ସେତେବେଳେ ଲୁଟ୍‌ରେ ସମ୍ପୃକ୍ତ ପୱନର ସାନଭାଇକୁ ସ୍ଥାନୀୟ ସରପଞ୍ଚ ଫେରାର୍ କରିବାରେ ସହାୟତା କରିଥିଲେ।

**◆ କିସ୍ତିରେ କାର୍; ଚଳାଉଥିଲେ ବେନାମୀ ସିମ୍**

ହରିୟାଣା ଓ ଅହମ୍ମଦାବାଦ୍‌ରୁ ଏକ ନିର୍ଦ୍ଦିଷ୍ଟ କମ୍ପାନୀର କାର୍‌କୁ କିସ୍ତିରେ କିଣୁଥିଲେ। ଅଳ୍ପ ଟଙ୍କା ଦେଇ କାର୍ କିଣି ଅପରାଧରେ ବ୍ୟବହାର କରୁଥିଲେ। କାର୍‌କୁ ବିନା ନମ୍ବର ପ୍ଲେଟ୍‌ରେ ବ୍ୟବହାର କରୁଥିଲେ। ସେଇ ରାଜ୍ୟଗୁଡ଼ିକରେ ବିଳମ୍ବରେ ନମ୍ବର ପ୍ଲେଟ୍ ଦେଉଥିବାରୁ ଅପରାଧ କରିବା ସହଜ ହେଉଥିଲା। ସେଇ ଗାଡ଼ିକୁ କିଣିବା ପରେ ସଡ଼କ ପଥରେ ଗୋଟିଏ ପରେ ଗୋଟିଏ ରାଜ୍ୟ ବୁଲି ଅପରାଧ କରୁଥିଲେ। କାର୍ ଧରାପଡ଼ିଲେ ଅଉ କିସ୍ତି ଟଙ୍କା ଦେଉ ନ ଥିଲେ। ସେହିପରି ଝାଡ଼ଖଣ୍ଡ, ଆସାମରୁ ସିମ୍ କିଣିବା ବେଳେ ପରିଚୟପତ୍ର ଆବଶ୍ୟକ ପଡୁ ନ ଥିବାରୁ ସେଠାରୁ ସିମ୍ କିଣୁଥିଲେ। ବିନା ପରିଚୟରେ ସିମ୍ କିଣି ଅପରାଧ ଘଟାଇ ସହଜରେ ଖସି ପଳାଉଥିଲେ।

**୧୦ ମିନିଟ୍‌ରେ ଅପରେସନ୍ 'ଲୁଟ୍‌ପାଟ୍'**

ଗ୍ୟାଙ୍ଗ୍‌ରେ ୩ରୁ ୪ଜଣ ରହୁଥିଲେ। ସିଧା କାର୍ ନେଇ ଅହମ୍ମଦାବାଦ ଓ ହରିୟାଣାରୁ ଆସୁଥିଲେ। ଦେହରେ ଭଲ ପୋଷାକ ପରିଧାନ କରି ଆପାର୍ଟମେଣ୍ଟରେ ପ୍ରବେଶ କରୁଥିଲେ। ୨ ଜଣ ଆପାର୍ଟମେଣ୍ଟର ଫ୍ଲାଟ୍‌କୁ ପ୍ରବେଶ କରୁଥିଲେ। ଆଉ ଜଣେ କାର୍‌ରେ ରହୁଥିବା ବେଳେ ଜଣେ ତଳେ ରହି ଫୋନ୍‌ରେ ଇସାରା ଦେଉଥିଲା। ଫ୍ଲାଟ୍‌ରେ ଜଣେ ଲୋକର ଚଳପ୍ରଚଳ ରହିଥିଲେ ଲୁଟ୍‌ପାଟ୍ ନ କରି ଗ୍ୟାଙ୍ଗ୍‌ର ଦୁଇ ସଦସ୍ୟ ସିଧା ତଳକୁ ପଳାଇ ଆସୁଥିଲେ। ସୁରକ୍ଷାକର୍ମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲେ ଭୁଲ୍‌ରେ ଆପାର୍ଟମେଣ୍ଟରେ ପଶି ଆସିଛୁ ବୋଲି କହି ଖସି ଆସୁଥିଲେ। ଲୁଟ୍‌ପାଟ୍‌ରେ ଏତେ ମାହିର୍ ଥିଲେ ଯେ, ମାତ୍ର ୧୦ମିନିଟ୍‌ରେ ଘରୁ କଳାକନା ବୁଲାଇ ପଳାଉଥିଲେ।

**ଗ୍ୟାଙ୍ଗ୍ ଗଢ଼ିଥିଲା 'ଫୌଜୀ'**

ହରିୟାଣାର ଗ୍ୟାଙ୍ଗ୍‌ଷ୍ଟର ଫୌଜୀ ଓରଫ ସତ୍‌ପାଲ ସିଂ ଓମ୍‌ପାଲ୍ ଚୌହାନ୍। ଫୌଜୀ ଜଣେ ଭାରତୀୟ ଯବାନ। କାର୍ଗିଲ୍ ଯୁଦ୍ଧରେ ଶତ୍ରୁଦେଶ ସହ ଲଢ଼ିଥିଲା। କିନ୍ତୁ ପତ୍ନୀଙ୍କୁ ହତ୍ୟା କରିବା ପରେ ଫୌଜୀଙ୍କ ଜୀବନର ମୋଡ ବଦଳି ଯାଇଥିଲା। ଫୌଜୀ ଚାକିରିରୁ ବିଦା ହେବା ରକ୍ତମୁଖା ପାଲଟିଥିଲା। ପରେ ଅପରାଧୀଙ୍କ ସହ ଦୁନିଆରେ ପାଦ ଥାପି ଅପରାଧ ଘଟାଇ ଚାଲିଥିଲା ଫୌଜୀ। ଆପାତତଃ ୧୦ଟି ଗ୍ୟାଙ୍ଗ୍ ଗଢ଼ି ଅପରାଧର ସାମ୍ରାଜ୍ୟ ବିସ୍ତାର କରିଥିଲା। ୨୦୧୦ ମସିହାରୁ ହରିୟାଣାରେ ସକ୍ରିୟ ରହି ୩୭ଟି ସଙ୍ଗୀନ ଅପରାଧିକ ମାମଲାରେ ଜଡ଼ିତ ରହିଛି। କିଛି ଦିନରେ ହରିୟାଣା ସରକାର ଲାଗି ମୋଷ୍ଟୱାଣ୍ଟେଡ୍ ପାଲଟିଥିବା ଫୌଜୀକୁ ଗିରଫ କରାଯାଇଥିଲା। ସେ ଏବେ ଅହମ୍ମଦାବାଦର ସାବରମତୀ ଜେଲ କଡ଼ାସୁରକ୍ଷା ବଳୟରେ ରହିଛି। ସେଇ ଜେଲରେ ଧରାପଡ଼ିଥିବା ଅଭିଯୁକ୍ତ ଦିନେଶ୍ ଲକ୍ଷ୍ନୌ ଜେଲରେ ଥିବାବେଳେ ଫୌଜୀର ଚିହ୍ନା ପରିଚିତ ହୋଇଥିଲା। ଉଭୟ ୬ବର୍ଷ ଧରି ଜେଲ୍‌ରେ ରହିଥିଲେ। ଦିନେଶ୍ ଜେଲରୁ ମୁକୁଳିବା ପରେ ଫୌଜୀ ଗ୍ୟାଙ୍ଗ୍‌ରେ ମିଶି ଅପରାଧ ଘଟାଇ ଚାଲିଥିଲା।

**◆ ଲୁଟ୍ ପୂର୍ବଦିନ ପୁରୀରେ ଜଗନ୍ନାଥ ଦର୍ଶନ**

ଭୁବନେଶ୍ୱରରେ ଲୁଟ୍ କରିବା ପୂର୍ବଦିନ ପୁରୀ ଯାଇଥିଲେ ସମସ୍ତ ୪ ଅଭିଯୁକ୍ତ। ସେଠାରେ ଏକ ଲଜ୍‌ରେ ଭଡ଼ା ନେଇ ରାତିରେ ରହି ଶ୍ରୀଜଗନ୍ନାଥ ଦର୍ଶନ କରିଥିଲେ। ଦିନବେଳା ଭୁବନେଶ୍ୱରକୁ ଆସି ଆପାର୍ଟମେଣ୍ଟର ଫ୍ଲାଟର ପଶି ଲୁଟ୍‌ପାଟ୍ କରିଥିଲେ। ପୁଲିସ ସିସିଟିଭି ଯାଞ୍ଚ କରିବାରୁ ପିପିଲି ଟୋଲ୍ ଗେଟ୍‌ରେ ସେମାନଙ୍କ କାର୍ ଗତିବିଧି ଜଣାପଡ଼ିଥିଲା। ସ୍ପେଶାଲ ସ୍କ୍ୱାଡ୍ ପୁରୀ ଯାଇ ସେମାନେ ରହୁଥିବା ଲଜ୍‌ରେ ପରିଚୟପତ୍ର ଯାଞ୍ଚ କରିଥିଲା। କିନ୍ତୁ ସେମାନେ ନକଲି ପରିଚୟପତ୍ର ଦେଇଥିଲେ। ପୁଲିସ ପରିଚୟପତ୍ରର ଶେଷ ୩ଟି ନମ୍ବର ଭୁଲ୍ ଦେଇଥିବା ଜାଣିବାକୁ ପାଇଥିଲା। ପରେ ସେଇ ଆଧାରରେ ଅପରାଧୀଙ୍କ ପରିଚୟକୁ ଚିହ୍ନଟ କରାଯାଇଥିଲା।

---

**ଜାତୀୟ ଉଠାଦୋକାନୀ ଦିବସ ପାଇଁ ମହାସମାବେଶ**

## ୨୦ରେ ବନ୍ଦ ରହିବ ସମସ୍ତ ଉଠାଦୋକାନ

**ଭୁବନେଶ୍ୱର, ୧୮।୧(ସମିସ):** ଜାତୀୟ ଉଠାଦୋକାନୀ ଦିବସ ଅବସରରେ ଜାନୁଆରୀ ୨୦ ତାରିଖରେ ରାଜ୍ୟର ସମସ୍ତ ଉଠାଦୋକାନ ଓ ଭେଣ୍ଡିଂଜୋନ ବନ୍ଦ ରହିବ। ଚଳିତବର୍ଷ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ମିଳିତ ସହଯୋଗରେ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଜାଗାରେ ଏହି ଦିବସକୁ ପାଳନ କରିବାକୁ ସ୍ଥିର କରାଯାଇଥିବାରୁ ଆସନ୍ତା ଜାନୁଆରୀ ୨୦ ତାରିଖ ଦିନ ପ୍ରତ୍ୟେକ ଉଠାଦୋକାନ ଏବଂ ଭେଣ୍ଡିଂଜୋନ ବନ୍ଦ ରହିବ ବୋଲି ସଂଗଠନର ସଭାପତି ପ୍ରତାପ କୁମାର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏକ ରାଜ୍ୟସ୍ତରୀୟ ମହାସମାବେଶ ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନ ଠାରେ ପହଞ୍ଚିବ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ପ୍ରକାଶ ଥାଉ କି ଜାତୀୟ ଉଠାଦୋକାନ ନୀତି ୨୦୧୪ ମସିହା ଜାନୁଆରୀ ୨୦ ତାରିଖ ଦିନ ପାର୍ଲାମେଣ୍ଟରେ ପାରିତ ହୋଇଥିଲା। ଏଣୁ ପ୍ରତିବର୍ଷ ଜାନୁଆରୀ ୨୦ ତାରିଖକୁ ସାରା ଭାରତବର୍ଷରେ ଜାତୀୟ ଉଠାଦକୋନୀ ଦିବସ ଭାବରେ ପାଳନ କରାଯାଇଥାଏ। ପ୍ରତ୍ୟେକ ବର୍ଷ ଓଡ଼ିଶାରେ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲାସହର ଗୁଡ଼ିକରେ ଏହି ଦିବସକୁ ମହାସମାରୋହରେ ପାଳନ କରି ଉଠାଦୋକାନୀମାନେ ଖୁସି ମନାଇଥାନ୍ତି।

---

## ବିଦ୍ୟୁତ୍ ଟାୱାରରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଭୁବନେଶ୍ୱର, ୧୮ ।୧(ସମିସ):** ଖଣ୍ଡଗିରି ଥାନା ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଯୁବକ ବିଦ୍ୟୁତ୍ ଟାୱାରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯୁବକଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ନାକେଦମ ହୋଇଛି। ଶେଷରେ ପରିବାର ଲୋକ ପହଞ୍ଚି ଉକ୍ତ ଯୁବକକୁ ଉଦ୍ଧାର କରିଥିଲା। ପୁଲିସ ତାକୁ ଚିକିତ୍ସା କରାଇବା ପରେ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଯୁବକ ଜଣଙ୍କ ହେଲା ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର ପ୍ରଫୁଲ ବେହେରା (୩୮)। ସୂଚନାଯୋଗ୍ୟ, ପ୍ରଫୁଲ୍ଲ ପରିବାର ସହ ବରମୁଣ୍ଡା ଅଞ୍ଚଳରେ ରହୁଥିଲେ। ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି ସେ ଗୁରୁବାର ସନ୍ଧ୍ୟାରେ ବରମୁଣ୍ଡା ଓଭରବ୍ରିଜ ନିକଟ ତଥା ଜାତୀୟ ରାଜପଥ-୧୬ ପାର୍ଶ୍ୱ ବିଦ୍ୟୁତ୍ ଟାୱାର ଉପରକୁ ଚଢ଼ିଯାଇଥିଲେ। ଟାୱାରକୁ ସେ ଚଢୁଥିବା ଯାତାୟାତ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଟାୱାରରୁ ଓହ୍ଲାଇ ଆସିବା ପାଇଁ ତାକୁ ବୁଝାଇଥିଲା। ଖବର ପାଇ ତା' ଭାଇ ଓ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେମାନେ ଟାୱାରକୁ ଚଢ଼ି ପ୍ରଫୁଲକୁ ଉଦ୍ଧାର କରିଥିଲେ।

---

## ୨୦ରୁ 'ଏକାମ୍ର ୱାକ୍'ର ତୃତୀୟ ସଂସ୍କରଣ

**ଭୁବନେଶ୍ୱର, ୧୮।୧(ସମିସ):** ମନ୍ଦିରମାଳିନୀ ସହର ଭୁବନେଶ୍ୱରର ସାଂସ୍କୃତିକ ଐତିହ୍ୟକୁ ଅନୁସନ୍ଧାନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କୁ ଏକ ନିଆରା ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ 'ଏକାମ୍ର ୱାକ୍'ର ତୃତୀୟ ସଂସ୍କରଣର ଆରମ୍ଭ ହେବାକୁ ଯାଉଛି। ଜାନୁଆରୀ ୨୦ରୁ ଆରମ୍ଭ ହୋଇ ପ୍ରତି ଶୁକ୍ର, ଶନି ଓ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ଅନେକ ସାଂସ୍କୃତିକ ଓ ଐତିହାସିକ ସମ୍ପତ୍ତି ରହିଛି। ସହରର ଅନନ୍ୟ ଆକର୍ଷଣକୁ ପ୍ରଦର୍ଶିତ କରିବା ପାଇଁ ଏକାମ୍ର ୱାକ୍ ପରିକଳ୍ପନା କରାଯାଇଛି। ଏକାମ୍ର ପଦଯାତ୍ରାର ନେତୃତ୍ୱ ନେବେ ଜ୍ଞାନୀ ଓ ଅଭିଜ୍ଞ ଗାଇଡ, ଯେଉଁମାନେ ଭୁବନେଶ୍ୱରର ଅତୀତର କାହାଣୀକୁ ଉନ୍ମୋଚନ କରିବେ। ଏଥର ଉପକଣ୍ଠବର୍ତ୍ତୀ ଡେରାସ୍ ଓ ନନ୍ଦନକାନନର ତିନୋଟି ସ୍ଥାନରେ ଏକାମ୍ର ୱାକ୍ ଅନୁଷ୍ଠିତ ହେବ। ଆମ ସଂସ୍କୃତି ଆମ ଐତିହ୍ୟ ଯାହା ଆଦିବାସୀ ସଂସ୍କୃତି ସମେତ ଓଡ଼ିଆ ସଂସ୍କୃତିକୁ ପ୍ରଦର୍ଶିତ କରାଯିବ। କୋମଳ ମନର କୌତୁହଳ ଯାତ୍ରା ଏବଂ ଓଡ଼ିଆ ଖାଦ୍ୟ ପସରା ଏକାମ୍ର ୱାକ୍‌ର ମୁଖ୍ୟ ଆକର୍ଷଣ ହେବ। ସୂଚନାଯୋଗ୍ୟ, ଫେବୃଆରୀ ୩ରୁ ୫ ପର୍ଯ୍ୟନ୍ତ ରାଜଧାନୀରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବାକୁ ଥିବାବେଳେ ଓଡ଼ିଆ ଭାଷାର ଗୌରବ ଗାଥା ନାମରେ ଏକ ସ୍ୱତନ୍ତ୍ର ଟ୍ରେଲ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବ। ଅଂଶଗ୍ରହଣକାରୀମାନେ ପ୍ରାଚୀନ ପରମ୍ପରାଉପରେ ଆଧାରିତ ରହସ୍ୟ ମୟ ତନ୍ତ୍ର ସାଧନା ବିଷୟରେ ମଧ୍ୟ ଅନୁସନ୍ଧାନ କରିବେ। ସେହିଭଳି ବିଭିନ୍ନ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ପ୍ରସିଦ୍ଧ ରାଜ୍ୟର ପାରମ୍ପରିକ ରୋଷେଇ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ 'ଡବ୍ଲୁଡବ୍ଲୁଡବ୍ଲୁ.ଏକାମ୍ରୱାକ୍.କମ୍' ରେ ଲଗ୍ ଇନ୍ କରି ପଞ୍ଜୀକରଣ କରିପାରିବେ ଏବଂ କାର୍ଯ୍ୟକ୍ରମର ଅନ୍ୟ ବିବରଣୀ ଜାଣିପାରିବେ।

---

## କଳାଭୂମି 'ପଥ ଉତ୍ସବ'ରେ ଜଲୱା ଦେଖାଇବେ ଓଲିଉଡ୍ ସିଙ୍ଗର୍




**ଭୁବନେଶ୍ୱର, ୧୮।୧(ସମିସ):** ଆସନ୍ତା ୨୧ ତାରିଖରେ ହେବାକୁ ଥିବା କଳାଭୂମି-ମଧୁସୂଦନ ପାର୍କ ପଥ ଉତ୍ସବରେ ଜଲୱା ଦେଖାଇବେ ଓଲିଉଡ୍ ସିଙ୍ଗର୍ ଅନ୍ତରା ଚକ୍ରବର୍ତ୍ତୀ, ତାରିକ୍ ଅଜିଜ୍, ଶଶାଙ୍କ ଶେଖର। ଏହା ବ୍ୟତୀତ ଓଡ଼ିଶୀର ନୃତ୍ୟ ମଧ୍ୟ ପରିବେଷଣ କରାଯିବ। ଏହା ଚଳିତ ସିଜନ୍‌ର ଶେଷ ପଥ ଉତ୍ସବ ଥିବାରୁ ଅଧିକ ସଂଖ୍ୟାରେ ଦର୍ଶକ ଏଠାକୁ ଆସିବା ନେଇ ଆଶଙ୍କା ପ୍ରକାଶ ପାଇଛି। ପଥୋତ୍ସବରେ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ଖେଳର ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

---

## ଚୋରି ମାମଲାରେ ଦୁଇଜଣଙ୍କୁ ଜେଲ୍‌ଦଣ୍ଡ





**ଭୁବନେଶ୍ୱର, ୧୮।୧(ସମିସ):** ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୨ର ବିଚାରପତି ଗିରୀଶ ଚନ୍ଦ୍ର ମୁଦୁଲି ଓ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୫ର ବିଚାରପତି ସବ୍ୟସାଚୀ ପଣ୍ଡା ଦୁଇଟି ପୃଥକ ଚୋରି ମାମଲାର ବିଚାର କରି ଅନୀଲ ବଳ ଓ ମଣ୍ଟୁ ପାଇକରାୟଙ୍କୁ ସଜା ଶୁଣାଇଛନ୍ତି। ସୂଚନା ଅନୁସାରେ, ଗତବର୍ଷ ଅକ୍ଟୋବର ୨୮ ତାରିଖ ଦିନ ଅନୀଲ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବିହାରୀ ଗ୍ୟାସ କମ୍ପାନୀ ମେସ୍‌ରେ ପଶି ଦୁଇଟି ଗ୍ୟାସ ସିଲିଣ୍ଡର ଚୋରି କରୁଥିବା ସମୟରେ ସୁରକ୍ଷାକର୍ମୀ ଡୋମି ମଣ୍ଡଳ ତାକୁ କାବୁ କରିଥିଲେ। ଡୋମିଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଥାନାର ତତ୍କାଳୀନ ଆସିଷ୍ଟାଣ୍ଟ-ସବ-ଇନ୍ସପେକ୍ଟର ବସନ୍ତ କୁମାର ପ୍ରଧାନଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀ ପ୍ରଧାନ ଏହି ମାମଲାକୁ ତଦନ୍ତ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେହିପରି ମଣ୍ଟୁ ଗତବର୍ଷ ଅକ୍ଟୋବର ୬ ତାରିଖ ଦିନ ଖଣ୍ଡଗିରି ଥାନା ସୌଭାଗ୍ୟ ନଗର ଅଞ୍ଚଳରେ ରହୁଥିବା ବିଶ୍ୱରଞ୍ଜନ ରାଉତଙ୍କ ଘରର ଝରକା ଜାଲି କାଟି ଭିତରେ ଥିବା ଦୁଇଟି ମୋବାଇଲ ଫୋନ, ଚାର୍ଜର, ମନିପର୍ସ ଓ ଇଅରଫୋନ୍ ଚୋରି କରି ନେଇଯାଇଥିଲା। ବିଶ୍ୱରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ଖଣ୍ଡଗିରି ଥାନା ପୁଲିସ କେସ ନଂ- ୪୨୯/୨୦୨୩ ଦଫା- ୩୮୦ ଆଇପିସିରେ ମାମଲା ରୁଜୁ କରିବା ସହ ସହିତ ଥାନାର ତତ୍କାଳୀନ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ବିଶ୍ୱଜିତ ସାମନ୍ତରାୟଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀ ସାମନ୍ତରାୟ ଏହି ମାମଲାକୁ ତଦନ୍ତ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତ ମଣ୍ଟୁକୁ ଗିରଫ କରିଥିଲେ। ମାମଲାଗୁଡ଼ିକର ବିଚାର କରି ଅଭିଯୁକ୍ତ ଅନୀଲ ବଳକୁ ଦୋଷୀ ସାବ୍ୟସ୍ତ କରି ୬ ମାସ କାରାଦଣ୍ଡାଦେଶ ସହିତ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମଣ୍ଟୁ ପାଇକରାୟଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଗଞ୍ଜନ ଶବର ଓ ନିରଞ୍ଜନ ବେହେରା ଦୁଇଟି ମାମଲାକୁ ପରିଚାଳନା କରିଥିଲେ।

---

# ଚୋରି ଦୁଇ ଶିଶୁ ଉଦ୍ଧାର; ମହିଳା ଗିରଫ

**ଭୁବନେଶ୍ୱର/ଖଲ୍ଲିକୋଟ,୧୮।୧ (ସମିସ):**

ଖଲ୍ଲିକୋଟ ବସଷ୍ଟାଣ୍ଡରୁ ବୁଧବାର ଭୋର ସମୟରେ ଚୋରି ହୋଇଥିବା ୧୦ ମାସର ଶିଶୁପୁତ୍ର ଆଜି ଭୁବନେଶ୍ୱରରୁ ଉଦ୍ଧାର ହୋଇଛି। ଏହା ସହ ଆଉ ଏକ ୧୦ ମାସର ଶିଶୁକନ୍ୟାକୁ ମଧ୍ୟ ପୁଲିସ ଉଦ୍ଧାର କରିଛି । ଚୋରି କରିଥିବା ମହିଳାକୁ ପୁଲିସ ଗିରଫ କରି ଆଜି ରାତିରେ କୋର୍ଟ ଚାଲାଣ କରିଛି । ବାଣିଆ ଗ୍ରାମର ସ୍ୱାମୀ ପରିତ୍ୟକ୍ତ ମହିଳା ମାମା ଗୌଡ଼(୩୮) ତାଙ୍କ ମାଆଙ୍କ ସହ ନିଜର ୧୦ ମାସର ଶିଶୁପୁତ୍ର ରାହୁଲକୁ ଧରି ଏକ ବସ୍ତ୍ରାଳୟ ଦୋକାନ ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କ ଶିଶୁପୁତ୍ର ଚୋରି ହୋଇଯାଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଏସ୍‌ଆଇ ପିଙ୍କିନି ପଟ୍ଟନାୟକ ପହଞ୍ଚି ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ତାଙ୍କ ନିକଟରେ ଶୋଇଥିବା ଆଉ ଜଣେ ମହିଳା ପିଲାଟିକୁ କାନ୍ଧରେ ପକାଇ ଭୋର ୫ଟା ୨୦ ମିନିଟ୍ ଯାଉଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଥିଲା। ଖଲ୍ଲିକୋଟରେ ପିଲା ଚୋରି ପ୍ରଥମ ଘଟଣା ହୋଇଥିବାରୁ ପିଲାଟିକୁ ଉଦ୍ଧାର କରିବା ପାଇଁ ପୁଲିସ ତଦନ୍ତ ଜୋରଦାର କରିଥିଲା । ଗଞ୍ଜାମ ଏସ୍‌ପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପହଞ୍ଚି ଖଲ୍ଲିକୋଟରୁ ଆସିକା ରାସ୍ତାରେ ଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଖଲ୍ଲିକୋଟ ଥାନା ଏସ୍‌ଆଇ ପାର୍ଥ ପ୍ରତୀମ ଦେବତା, କନ୍‌ଷ୍ଟବଳ ମନୋରଞ୍ଜନ ଦାସ, କବିତା ବେହେରା ଓ ଗୃହରକ୍ଷୀ ମୁକେଶ ବୈଦ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ତାରସିଂ ଥାନା ଅନ୍ତର୍ଗତ ରଙ୍ଗମେରୁ ହାନନ୍ଦଖୋଲା ଗ୍ରାମରେ ପହଞ୍ଚି ଥିଲା । ସେଠାରେ





**■ ଖଲ୍ଲିକୋଟ ବସ୍‌ଷ୍ଟାଣ୍ଡରୁ ମିଳିଲା ଚୋରି ଶିଶୁପୁତ୍ର**

**■ ଆଉ ଜଣେ ଶିଶୁକନ୍ୟା ଭୁବନେଶ୍ୱରରୁ ଉଦ୍ଧାର**

ଉକ୍ତ ମହିଳାଙ୍କ ନାମ ପ୍ରଭାସିନୀ ପ୍ରଧାନ ବୋଲି ଜାଣିବା ସହ ମୋବାଇଲ ଫୋନ୍ ନମ୍ବର ମଧ୍ୟ ପାଇଥିଲେ । ମୋବାଇଲ ନମ୍ବରକୁ ଟ୍ରାକ୍ କରି ପ୍ରଭାସିନୀ ଭୁବନେଶ୍ୱରରେ ଥିବା ପୁଲିସ ଜାଣିବାକୁ ପାଇଥିଲେ। ମୋବାଇଲ କଲ୍ ଡିଟେଇଲସ୍‌ରୁ ସୁରାକ ପାଇ ଭୁବନେଶ୍ୱର ସୁନ୍ଦରପଦାରେ ରହୁଥିବା ପ୍ରଭାସିନୀର ଭଉଣୀ ଘରେ ପହଞ୍ଚି ଥିଲା ପୁଲିସ । ତା'ଠାରୁ ସୂଚନା ପାଇ ହାଇଟେକ୍ ପ୍ଲାଜା ଅଞ୍ଚଳରେ ଥିବା ଏକ ଘରେ ଚଢ଼ଉ କରି ପ୍ରଭାସିନୀକୁ ଗିରଫ କରିବା ସହ ଶିଶୁପୁତ୍ର ରାହୁଲକୁ ଉଦ୍ଧାର କରିଥିଲା ପୁଲିସ । ତା' ଠାରୁ ସୂଚନା ପାଇ ସେହି ନିକଟରେ ରହୁଥିବା ପୂଜକ ସୁବାଷ ପଣ୍ଡାଙ୍କ ଠାରୁ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ଗିରଫ ପ୍ରଭାସିନୀ ପ୍ରଧାନ ଏବଂ ଉଦ୍ଧାର ହୋଇଥିବା ଦୁଇ ଶିଶୁଙ୍କୁ ସନ୍ଧ୍ୟାରେ ଖଲ୍ଲିକୋଟ ଥାନାକୁ ଅଣାଯାଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଖଲ୍ଲିକୋଟ ଥାନାରେ ରାତିରେ ପହଞ୍ଚି ଥିଲେ ଗଞ୍ଜାମ ଏସ୍‌ପି ଜଗମୋହନ ମିନା । ବିକ୍ରି କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ମହିଳା ଶିଶୁପୁତ୍ରକୁ ଚୋରି କରିଥିବା ପୁଲିସ ସୂଚନା ଦେଇଛି । ସମ୍ପୃକ୍ତ ମହିଳା ଜଣକ କୌଣସି ରାକେଟ୍ ସହ ଜଡ଼ିତ ଅଛନ୍ତି କି ନାହିଁ ଏବଂ ତାଙ୍କ ନାମରେ ଅନ୍ୟ ଥାନାରେ କୌଣସି ମାମଲା ରହିଛି କି ନାହିଁ ଏହି ସବୁ ବିଷୟରେ ଅଧିକ ତଦନ୍ତ କରିବା ପାଇଁ ଗିରଫ ପ୍ରଭାସିନୀ ପ୍ରଧାନକୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଉଦ୍ଧାର ହୋଇଥିବା ଶିଶୁପୁତ୍ର ରାହୁଲକୁ ତାର ମାଆକୁ ପୁଲିସ ହସ୍ତାନ୍ତର କରିଛି।



ଶ୍ୟାମପୁର ୬୮ ଏକର ଜମି ଜବରଦଖଲ ମାମଲା

# ଫଳକ ଲଗାଇବାକୁ ଲାଗିଲା ଦେଢ଼ ମାସ

**ଭୁବନେଶ୍ୱର, ୧୮।୧(ସମିସ):** ଶ୍ୟାମପୁର ମୌଜାରେ ପ୍ରାୟ ୬୮.୪୪୫ଏକର ସରକାରୀ ଜମି ଜବରଦଖଲ ମାମଲାରେ ବିଡିଏ ଅଧିକାରୀ ଘଟଣାସ୍ଥଳକୁ ଘନଘନ ଗସ୍ତ କରୁଛନ୍ତି। ହେଲେ ଜବରଦଖଲ ହଟିବା ଦୂରରେ ଥାଉ ବିଡିଏ ଏହାକୁ ରୋକିବାକୁ ସମର୍ଥ ହୋଇନାହାନ୍ତି। ବିଡିଏ ଟିମ୍ ଗସ୍ତରେ ବ୍ୟସ୍ତ ଥିଲା ବେଳେ ଦଲାଲ ଏବଂ ଜବରଦଖଲକାରୀ ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରି ବେଆଇନ ଭାବେ ଗୃହ ନିର୍ମାଣ କରିବାରେ ବ୍ୟସ୍ତ ରହୁଛନ୍ତି। ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ଏବଂ ବିଡିଏ ଲ୍ୟାଣ୍ଡ ସେକ୍ସନ୍‌ର ମିଳିତ ଟିମ୍ ଜବରଦଖଲ ଜମିର ସର୍ଭେ କରିଛନ୍ତି। ଖୁବ୍‌ଶୀଘ୍ର ସର୍ଭେ ରିପୋର୍ଟ ଆସିଯିବ। ୧୦ ଏକର ହାଇକୋର୍ଟ ରହିତାଦେଶ ଜମି ବ୍ୟତୀତ ଅବଶିଷ୍ଟ ୫୮ ଏକରରୁ କେତେ ଜବରଦଖଲ ଅଛି ତାହା ସର୍ଭେରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ ବିଡିଏ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣେ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଏହାସହ ଏଠାରେ ସରକାରୀ ଜମି ଜବରଦଖଲ ନ କରିବାକୁ ଫଳକ ପୋତାଯାଇଛି। ସାଇନ୍‌ବୋର୍ଡଟି ପୋତିବାକୁ ବିଡିଏକୁ ଦେଢ଼ମାସ ସମୟ ଲାଗିଗଲା। ଅନ୍ୟପକ୍ଷରେ ଏହି ଜମିକୁ ନେଇ ହାଇକୋର୍ଟରେ ରହିତାଦେଶ ଥିଲା ବେଳେ ୧୪୪ ଜାରି ରହିଛି।

ମିଳିଥିବା ସୂଚନା ମୁତାବକ, ବିଡିଏ ଗତ୨୬ ଡିସେମ୍ବରରେ ଏତଲା ଦେଇଥିଲା। ଏହାପରେ ଘଟଣାସ୍ଥଳରେ ୧୧୪ଧାରା ଜାରି ହେଲା। ହେଲେ ଏହାକୁ ମାନିଲେନି ଜବରଦଖଲକାରୀ। ଜବରଦଖଲକାରୀ ବିବାଦୀୟ ସ୍ଥାନ ଭିତରେ ପଶି ନିର୍ମାଣ କାର୍ଯ୍ୟ ଜାରି ରଖିଲେ। ଦିନ ରାତି ନିର୍ମାଣ



## ଗସ୍ତରେ ଅଟକିଛି ବିଡିଏ କାର୍ଯ୍ୟାନୁଷ୍ଠାନ

କାର୍ଯ୍ୟ ଜାରି ରହିବାରୁ ଏପର୍ଯ୍ୟନ୍ତ ପ୍ରାୟ ୧୦ଏକର ଜମିରେ ୯୫ଟି ବେଆଇନ ନିର୍ମାଣ ହୋଇଛି। ହାଇକୋର୍ଟର ରହିତାଦେଶ ଏବଂ ୧୪୪ ଜାରି ରହିଥିଲା ବେଳେ ନିର୍ମାଣ କାର୍ଯ୍ୟ କିପରି ଜାରି ରହିଛି ତାହା ପୁଲିସ ଏବଂ ପ୍ରଶାସନ ଉପରେ ଆଙ୍ଗୁଠି ଉଠାଉଛି। ଅନ୍ୟପକ୍ଷରେ ବିଡିଏ ଟିମ୍ ସହ ଜବରଦଖଲକାରୀ ଲୁଚକାଳି ଖେଳୁଛନ୍ତି। ବିଡିଏ ଟିମ୍ ଘଟଣାସ୍ଥଳକୁ ଗସ୍ତରେ ଯାଇ ପହଞ୍ଚିବା ପୂର୍ବରୁ ନିର୍ମାଣ କାମ ବନ୍ଦ ହୋଇଯାଉଛି। ପୁଣି ଟିମ୍ ଫେରିଯିବା ପରେ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲୁଥିବା ଅଭିଯୋଗ ହେଉଛି।

ସେପଟେ ଏକାଧିକ ଲୋକ ଜବରଦଖଲରେ ଥିଲା ବେଳେ ମାତ୍ର ୧୦ଜଣ ଏହା ଉପରେ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଏହି ୧୦ଜଣଙ୍କ ବ୍ୟତୀତ ଅନ୍ୟମାନଙ୍କୁ କ'ଣ ପାଇଁ ସେଠାରୁ ହଟାଯାଇ ମୂଲ୍ୟବାନ ଜମିକୁ ଜବରଦଖଲ ମୁକ୍ତ କରାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ଅପରପକ୍ଷେ ବିଡିଏ ଜାଣିଶୁଣି ବାରମ୍ବାର ଗସ୍ତକରି ସର୍ଭେ ଆଉ ଫଳକ ଲଗାଇବା ଆଳରେ ଅଧିକରୁ ଅଧିକ ଲୋକଙ୍କୁ ଷ୍ଟେ ଆଣିବାକୁ ସମୟ ଦେଉଛି ବୋଲି କୁହାଯାଉଛି। ଅନେକ ସମୟରେ ଦେଖାଯାଇଛି ବିଡିଏ ଜବରଦଖଲ ହଟାଇବାକୁ ପ୍ରଥମେ ନୋଟିସ କରି ଜବରଦଖଲ ହଟାଇ ଦିଏ। କିନ୍ତୁ ଏଠାରେ ମଧ୍ୟ ପୂର୍ବରୁ ନୋଟିସ ଲାଗି ସାରିଛି। ହେଲେ ଜବରଦଖଲ ଏପର୍ଯ୍ୟନ୍ତ ହଟାଇବାକୁ ନେଇ ଟାଳଟୁଳ ନୀତି ଆପଣାଉଛି ବିଡିଏ।

### ଏଯାଏ ମାମଲା ରୁଜୁ କଲାନି ଇଓଡବ୍ଲ୍ୟୁ

ଶ୍ୟାମପୁର ମୌଜାରେ ଥିବା ବିଡିଏ ଜମିକୁ ବିକ୍ରି କରାଯାଉଥିବା ନେଇ ଖବର ପ୍ରକାଶ ପାଇବା ପରେ ବିଡିଏ ଇଓଡବ୍ଲ୍ୟୁରେ ଏତଲା ଦେଇଥିଲା। ୧୩ ଜଣଙ୍କ ନାଁରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଗତବର୍ଷ ଡିସେମ୍ବରେ ଅଭିଯୋଗ ହୋଇଥିଲା। ହେଲେ ଏହାମଧ୍ୟରେ ଅଭିଯୋଗକୁ ବହୁଦିନ ବିତିଯାଇଥିଲେ ମଧ୍ୟ ଇଓଡବ୍ଲ୍ୟୁ ମାମଲା ରୁଜୁକରି ନାହିଁ। ତଦନ୍ତ ଚାଲୁଛି, ତଦନ୍ତ ଶେଷ ହେବା ପରେ ମାମଲା ରୁଜୁ କରାଯିବ ବୋଲି ଆଳ ଦେଖାଇ ଚୁପ୍ ବସିଯାଇଛି ଇଓଡବ୍ଲ୍ୟୁ। କେବେ ମାମଲା ରୁଜୁହେବ ସେନେଇ ମଧ୍ୟ କିଛି ସ୍ପଷ୍ଟ କରାଯାଉ ନାହିଁ। ମାମଲା ରୁଜୁ ପୂର୍ବରୁ ପ୍ରାରମ୍ଭିକ ତଦନ୍ତରେ କଣ ପାଇଁ ବିଳମ୍ବ ହେଉଛି। ନା ଆ ଇଓଡବ୍ଲ୍ୟୁ ଅଧିକାରୀ କିଛି ପ୍ରମାଣ ପାଉନାହାନ୍ତି। ଏନେଇ କିଛି ସ୍ପଷ୍ଟ କରୁ ନାହିଁ ଇଓଡବ୍ଲ୍ୟୁ। ଏନେଇ ଇଓଡବ୍ଲ୍ୟୁ ଏସ୍‌ପିଙ୍କୁ ମତାମତ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

### ଅସହାୟ ବିଡିଏ, ଇଓଡବ୍ଲ୍ୟୁ

ଗତ ଡିସେମ୍ବର ୨୧ ତାରିଖରେ ବିଡିଏ ଯୁଗ୍ମ କମିସନରଙ୍କ ନେତୃତ୍ୱରେ ୨ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଯାଞ୍ଚକରିବା ସମୟରେ ୧୫ରୁ ୨୦ ପରିବାର ସ୍କ୍ୱାଡକୁ ଘେରିବା ସହ ସେଠାରୁ ଫେରିଯିବାକୁ ଧମକ ଦେଇଥିଲେ। ଏହି ସମୟରେ ଉକ୍ତ ଜମିରେ ୧୬ ଘର ସମେତ ଆଉ ୨୦ଘର ନିର୍ମାଣ ଚାଲିଥିବା ଜାଣିବାକୁ ପାଇଥିଲା ସ୍କ୍ୱାଡ। ଜମି ଉପରେ ନିର୍ମାଣ କରିଥିବା ଲୋକଙ୍କୁ ବିଡିଏ ନୋଟିସ କରିଥିଲା। ୭ ଦିନ ଭିତରେ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହାକୁ ଉକ୍ତ ଜବରଦଖଲକାରୀଙ୍କ ଖାତିର ନଥିଲେ। ଜବରଦଖଲକାରୀ ବିଡିଏକୁ ନାଲିଆଖି ଦେଖାଉଛନ୍ତି, କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରୁନି, ଜବରଦଖଲକାରୀ ୧୪୪ ଧାରା ମାନୁନାହାନ୍ତି, ଏଥିରୁ ସ୍ପଷ୍ଟ ହେଉଛି ଜବରଦଖଲକାରୀଙ୍କ ସାମ୍ନାରେ ପୁଲିସ, କ୍ରାଇମବ୍ରାଞ୍ଚ ଓ ବିଡିଏ ସବୁ ଅସହାୟ ପାଲଟିବା ଭଳି ମନେ ହେଉଛି।

## 'ନୂଆ-ଓ' ଉଦ୍‌ଯାପିତ; ୩୭ ଦଳ ପୁରସ୍କୃତ



**ଭୁବନେଶ୍ୱର, ୧୮।୧(ସମିସ):** ବିଏମ୍‌ସି ଅଞ୍ଚଳର ତିନୋଟି ଜୋନ୍‌ରେ ଚଳିତ ମାସ ୯-୧୬ ତାରିଖ ଯାଏଁ 'ନୂଆ-ଓ' କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ୩୭ ଦଳକୁ ସମ୍ମାନିତ କରାଯାଇଛି। ଏଥିରେ ପ୍ରତ୍ୟେକ ବିଭାଗର ଚାମ୍ପିଅନ, ରନର୍ସ-୧ ଓ ରନର୍ସ-୨ଙ୍କୁ ସମ୍ମାନିତ କରାଯାଇଛି। ଚାମ୍ପିୟନ୍ ହୋଇଥିବା ସମସ୍ତ ଦଳ ଜିଲ୍ଲାସ୍ତରରେ ଖେଳିବେ। ପୁରସ୍କାର ଭାବେ ଚାମ୍ପିଅନମାନଙ୍କୁ ୫୦ ହଜାର ଟଙ୍କାର ଚେକ୍ ଓ ଟ୍ରଫି ସାଙ୍ଗକୁ ପ୍ରମାଣପତ୍ର, ରନର୍ସ-୧ ଙ୍କୁ ୩୦ ହଜାର ଟଙ୍କାର ଚେକ୍ ଓ ଟ୍ରଫି ସାଙ୍ଗକୁ ପ୍ରମାଣପତ୍ର ଏବଂ; ରନର୍ସ-୨ ଙ୍କୁ ୨୦ ହଜାର ଟଙ୍କାର ଚେକ୍ ଓ ଟ୍ରଫି ସାଙ୍ଗକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ମନମୁଗ୍ଧକର ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମୁଦାୟ ୫୧୦ଟି ଦଳ ଭାଗ ନେଇଥିଲେ। ଅତିଥିଭାବେ ଯୋଗଦେଇଥିଲେ କନ୍ଧମାଳର ସାଂସଦ ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କମିସନର ବିଜୟ ଅମୃତା କୁଲାଙ୍ଗେ।

## ଏମ୍‌ସ ପରିଦର୍ଶନ କଲେ କାୟାକଳ୍ପ ଟିମ୍

**ଭୁବନେଶ୍ୱର, ୧୮।୧ (ସମିସ):** ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆସିଥିବା କାୟାକଳ୍ପର ଏକ ତିନିଜଣିଆ ଦଳ ପ୍ରାଥମିକ ମୂଲ୍ୟାଙ୍କନ ନିମନ୍ତେ ଏମ୍‌ସ ଭୁବନେଶ୍ୱରକୁ ଦିନିକିଆ ପରିଦର୍ଶନ କରିଛନ୍ତି । ଏମ୍‌ସ ପାଟଣାର ଡ. ସୁଜିତ କୁମାର ସିହ୍ନା, ଡ. ବିଜୟାନନ୍ଦ ନାଏକ ଏବଂ ଡ. ଅସୀମ ସର୍‌ଫରାଜଙ୍କୁ ନେଇ ଗଠିତ ଏହି ଦଳ ପରିଚାଳନା ବ୍ୟବସ୍ଥାରେ ଉଚ୍ଚ ଗୁଣବତ୍ତା ବଜାୟ ରଖିଥିବାରୁ ଏମ୍‌ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ। ଗସ୍ତ ଆରମ୍ଭରେ କାୟାକଳ୍ପ ଦଳ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର(ଡ) ଆଶୁତୋଷ ବିଶ୍ୱାସ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏହି ଜାତୀୟ ପ୍ରତିଷ୍ଠାନ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. (ମେଜର) ଏମ୍ ସି ସାହୁ, ଡ. ଅରବିନ୍ଦ ସିଂ, ଡ. ଅଶୋକ କୁମାର ଜେନା, ଡ. ଗୌରବ ଛାବ୍‌ରା, ଡ. ଧରିତ୍ରୀ ସ୍ୱାଇଁ, ଡ. ସୁବର୍ଣ୍ଣା ମିତ୍ର, ଡ. ମହାଲିଙ୍ଗମ ଭେଙ୍କଟେସନ୍, ସି ଆର ରାଉତ, ଡ. ବିଶ୍ୱ ଜୀବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହସ୍ପିଟାଲର ରକ୍ଷଣାବେକ୍ଷଣ, ପରିମଳ ଏବଂ ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା ଏବଂ ସ୍ୱଚ୍ଛତା ରକ୍ଷା ନେଇ ବ୍ୟାପକ ପଦକ୍ଷେପ ଆଦିକୁ ନିରୀକ୍ଷଣ କରିଥିଲେ । ଏତଦ୍ ବ୍ୟତୀତ ଏହି ଟିମ୍ ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟାକୁ ଯତ୍ନର ସହ ସମୀକ୍ଷା କରିବା ସହିତ କର୍ମଚାରୀ ଏବଂ ରୋଗୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।

● ଉପ-ନିର୍ଦ୍ଦେଶକଙ୍କ ସୁନାଚେନ୍ ଲୁଟ୍ ଘଟଣା

## ୪ ମାସ ପରେ ଦୁଇ ଗିରଫ

**ଭୁବନେଶ୍ୱର, ୧୮।୧ (ସମିସ):** ଉପ-ନିର୍ଦ୍ଦେଶକ (ଭୂତତ୍ତ୍ୱ)ଙ୍କ ସୁନା ଚେନ୍ ଲୁଟର ୪ ମାସ ପରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କାର୍ଗିଲ ବସ୍ତି କେଳା ସାହିରେ ରହୁଥିବା ରଣପୁର ଥାନା ଗୋଡ଼ିମଡ଼ାର ଦିନେଶ ଦାସ ଓରଫ୍ କୁଲୁ (୨୪) ଓ ଚନ୍ଦକା ଥାନା ମଳିପଡ଼ାର ସୁମନ୍ତ ମଙ୍ଗରାଜ ଓରଫ୍ ବିଜୁ (୨୧)। ପୁଲିସ ସୂଚନା ଅନୁଯାୟୀ, ଡାଇରେକ୍ଟରେଟ ଅଫ ମାଇନିଂ (ଭୂତତ୍ତ୍ୱ) କାର୍ଯ୍ୟାଳୟ ଭୁବନେଶ୍ୱରରେ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଅର୍ପିତା ତ୍ରିପାଠୀ ଗତ ସେପ୍ଟେମ୍ବର ମାସ ୧୪ ତାରିଖ ସନ୍ଧ୍ୟାରେ ନିଜ ସ୍କୁଟି ଯୋଗେ ଅଫିସରୁ ଘରକୁ ଫେରୁଥିଲେ। ସେ ଫରେଷ୍ଟ ପାର୍କରୁ କ୍ୟାପିଟାଲ ହସ୍ପିଟାଲ ଛକ ମଧ୍ୟରେ ପାଇଥିବା ବେଳେ କୁଲୁ ଓ ବିଜୁ ଏକ ବାଇକରେ ପଛ ପାଖରୁ ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ଶ୍ରୀମତୀ ତ୍ରିପାଠୀ ଏନେଇ କ୍ୟାପିଟାଲ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଚଢ଼ଉ କରି କୁଲୁ ଓ ବିଜୁକୁ ଗିରଫ କରିଥିଲା। ସେମାନେ ଲୁଟ୍ କରିଥିବା ସୁନା ଚେନକୁ ଭୀମଟାଙ୍ଗି ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ବନ୍ଧକ ରଖି ୩୮୦୦୦ ଟଙ୍କା ଋଣ ଆଣିଛନ୍ତି ବୋଲି ପଚରାଉଚରା ବେଳେ ସ୍ୱୀକାର କରିଥିଲେ। ଦିନେଶ ନାମରେ ଏୟାରପୋର୍ଟ ଥାନାରେ ୪ଟି ମାମଲା ରହିଥିବା ବେଳେ ଖଣ୍ଡଗିରି ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଦିନେଶ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତା' ବିରୋଧରେ ସିଆରପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି। ସେହିପରି ଅଭିଯୁକ୍ତ ସୁମନ୍ତ ନାମରେ ମଧ୍ୟ ଏୟାରପୋର୍ଟ ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି

**ଭୁବନେଶ୍ୱର, ୧୮ ।୧(ସମିସ):** ୟୁନିଟ୍-୨ରେ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀ କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏହି ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, କେହି ଦୁର୍ବୃତ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲାଗିଥିବା ଏସି ତାର, କମ୍ପ୍ରେସର, ଝରକା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି।

## ବିଦେଶୀ ମଦ ଦୋକାନରୁ ଚୋରି

**ବାଲିପାଟଣା, ୧୮।୧(ସମିସ):** ବାଲିପାଟଣା ମୁଖ୍ୟ ବଜାରରେ ଥିବା ସରକାରୀ ଠିପିବନ୍ଦ ବିଦେଶୀ ମଦ ଦୋକାନରେ ପଶି ଦୁର୍ବୃତ୍ତମାନେ ନଗଦ ଟଙ୍କା ଓ ପେଟି ପେଟି ମଦ ଚୋରି କରି ନେଇଛନ୍ତି। ପ୍ରାୟ ଦଶଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତ ଦୋକାନରେ ଲାଗିଥିବା ସିସିଟିଭି ହାର୍ଡ ଡିସ୍କ ନେଇଯାଇଛନ୍ତି। ସୂଚନା ଅନୁସାରେ, ବାଲିପାଟଣା ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଗତ ବର୍ଷ ଏପ୍ରିଲ ମାସରେ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ଅନୁରୂପ ଭାବେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନ ସଟର ତାଲା କାଟିବା ସହ ଚାରି ଚକିଆ ଯାନ ଲଗାଇ ପେଟି ପେଟି ମଦ ବୋହି ନେଇଛନ୍ତି। ଦୋକାନ କର୍ମଚାରୀଙ୍କ ସୂଚନା ଅନୁଯାୟୀ ବୁଧବାର ୮୯ ପେଟି ମଦ ଦୋକାନକୁ ଆସିଥିଲା। ସେଥିରୁ ଅଧିକାଂଶ ପେଟି ଚୋରି ହୋଇଥିବା ଜଣାପଡ଼ିଛି।

## ପୋଷ୍ଟର୍ ଚିରି ଉତ୍ତେଜନା ସୃଷ୍ଟିକଲା କଂଗ୍ରେସ

**ଭୁବନେଶ୍ୱର, ୧୮ ।୧(ସମିସ):** ସ୍କୁଲ ଏବଂ କଲେଜରେ '୫-ଟି' ଲାଗୁ ହେବା ପରେ ବିକାଶ ହୋଇଛି। ଏପରିସ୍ଥଳେ ଛାତ୍ର କଂଗ୍ରେସର କିଛି ସଦସ୍ୟ କଲେଜରେ ଲାଗିଥିବା ପୋଷ୍ଟର ଚିରିବା ସହ ଉତ୍ତେଜନା ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଭୁବନେଶ୍ୱର ମହର୍ଷି କଲେଜ କ୍ୟାମ୍ପସରେ ଦେଖିବାକୁ ମିଳିଛି। ଛାତ୍ର କଂଗ୍ରେସର କର୍ମୀମାନେ ପୋଷ୍ଟର ଚିରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଭଳି ଆତଙ୍କ ଫଳରେ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଏହି ଛାତ୍ରମାନଙ୍କୁ ଅଟକାଇବା ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ।

## କଟ୍‌ନିଛଟ୍‌ନିକୁ ନେଇ ରାସ୍ତାରୋକ




**ଭୁବନେଶ୍ୱର, ୧୮।୧(ସମିସ):** ଚାଷୀଙ୍କ ଠାରୁ ଧାନ କିଣୁଥିବା ମିଲର୍ ମନମାନୀ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। କଟ୍‌ନିଛଟନୀ ପ୍ରତିବାଦରେ ଚନ୍ଦକା-ପିତାପଲ୍ଲୀ ରାସ୍ତାର କଣ୍ଟାବାଡ଼ ଛକଠାରେ ରାସ୍ତା ଅବରୋଧ କରିଥିଲେ। ଚାଷୀଙ୍କ ଦାବି ପୂରଣ ପ୍ରତିଶ୍ରୁତି ମିଳିବା ପରେ ଯାଇ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁଯାୟୀ, କଣ୍ଟାବାଡ଼ ଅଞ୍ଚଳର ଚାଷୀମାନଙ୍କ ଠାରୁ ଧାନ କିଣୁଥିବା ମିଲର ମନଇଚ୍ଛା କଟ୍‌ନିଛଟ୍‌ନି କରୁଥିବା ଅଭିଯୋଗ ହୋଇଛି। କୁଇଣ୍ଟାଲ ପିଛା ୫ରୁ ୭କେଜି ଧାନ କଟ୍‌ନିଛଟ୍‌ନି କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବୁଧବାର ଠାରୁ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ସକାଳୁ ନବନିର୍ମାଣ କୃଷକ ସଂଗଠନର ଏମଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ଚନ୍ଦକା - ପିତାପଲ୍ଲୀ ରାସ୍ତାର କଣ୍ଟାବାଡ଼ ବଜାର ଠାରେ ଧାନ ବସ୍ତା ରଖି ରାସ୍ତା ରୋକ କରିଥିଲେ। ଆନ୍ଦୋଳନ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲା। ମିଲର ଓ ଚାଷୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ଦାବି ଆଗରେ ମିଲର ମୁଣ୍ଡ ନୁଆଇଁବା ପରେ ଯାଇ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଛୁରି ଦେଖାଇ ଲୁଟ୍; ଜଣେ ଗିରଫ

**ଭୁବନେଶ୍ୱର, ୧୮।୧ (ସମିସ):** ଛୁରି ଦେଖାଇ ଭୟଭୀତ କରି ମୋବାଇଲ ଓ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଥରବନ୍ଧ ବସ୍ତିରେ ରହୁଥିବା ଭଞ୍ଜନଗର ଅଞ୍ଚଳର ପ୍ରକାଶ ବିଷୋୟୀ ଓରଫ୍ ପକା (୩୨)। ପୁଲିସ ସୂଚନା ଅନୁଯାୟୀ, ପ୍ରଦୀପ୍ତ କୁମାର ପରିଜା ଓ ତାଙ୍କ ସମ୍ପର୍କୀୟ ପାଣ୍ଡରା ଛକରେ ଛିଡ଼ା ହୋଇଥିବା ବେଳେ ପକା ଓ ତା'ର ଜଣେ ସହଯୋଗୀ ଆସି ଛୁରି ଦେଖାଇ ଦାମୀ ମୋବାଇଲ୍ ଫୋନ ଓ ୭୫୦୦ ଟଙ୍କା ଛଡ଼ାଇ ନେଇଥିଲେ। ପ୍ରଦୀପ୍ତ ଏନେଇ ଅଭିଯୋଗ କରିବା

### ଅଭିଯୁକ୍ତ ନାମରେ ରହିଛି ୩୨ ମାମଲା



ପରେ ମଞ୍ଚେଶ୍ୱର ଥାନା ପୁଲିସ ମାମଲା ରୁଜୁ କରିବା ସହ ପଳାଶୁଣୀ ଛକରେ ଚଢ଼ଉ କରି ପକାକୁ ଗିରଫ କରିଥିଲା। ତା ହେପାଜତରୁ ଲୁଟ୍ ମୋବାଇଲ ଫୋନ ଓ ଟଙ୍କା ଜବତ କରିଛି ପୁଲିସ। ପକା ଜଣେ ବିଭିନ୍ନ ଥାନାରେ ୩୨ ଟି ଅପରାଧୀକ ମାମଲା ରହିଥିବା ଜଣାପଡ଼ିଥିଲା । ସେ ଅଭ୍ୟାସଗତ ଭାବେ ଅପରାଧ ଘଟାଉଥିବାରୁ ତା ବିରୋଧରେ ସିଆରପିସି ଧାରା ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି । ସେପଟେ ପକାର ସହଯୋଗୀ ଫେରାର ରହିଥିବାବେଳେ ତାକୁ ଧରିବା ପାଇଁ ପୁଲିସ ଉଦ୍ୟମ କରୁଛି ।

# ଛାତ ଉପରେ ଫଳ, ଫୁଲ ଓ ପରିବା ଚାଷ



### ସବୁଜ ବନାନୀ ପାଇଁ ଅଭିନବ ପ୍ରୟାସ

**ଭୁବନେଶ୍ୱର, ୧୮।୧(ସମିସ):** ଛାତ ଉପରେ କେବଳ ଫୁଲଗଛ ନୁହେଁ, ବିଭିନ୍ନ ପ୍ରକାର ଫଳ ଓ ପରିବା ଫସଲ ବି ହସୁଛି। ସମୟ ସହ ଧୀରେ ଧୀରେ ମଣିଷ ଆଧୁନିକତାକୁ ଆପଣେଇ କଂକ୍ରିଟ୍ ଜଙ୍ଗଲରେ ବଞ୍ଚୁଥିବାବେଳେ ଏଭଳି ଗଛ ଓ ମଣିଷର ନିଆରା ସମ୍ପର୍କ ଦେଖିବାକୁ ମିଳିଛି ରାଜଧାନୀର ସହିଦନଗର ଅଞ୍ଚଳରେ। କିଛି ଲୋକ ନିଜ ଛାତ ଉପରେ ବଗିଚା ହେଉ ବା କିଚେନ୍ ଗାର୍ଡେନ କରି ଆନନ୍ଦ ପାଉଥିବାବେଳେ ସହିଦନଗରର ଲକ୍ଷ୍ମୀପ୍ରିୟା ଦୀର୍ଘ ୧୦ ବର୍ଷ ହେଲାଣି ଛାତ ଉପରେ ସଜନା ଛୁଇଁ, ଅମୃତ ଭଣ୍ଡା, କଦଳୀ ଆଦି ପରିବା ସହ ଆମ୍ବ, ଷ୍ଟ୍ରବେରୀ, ଅଁଳା, ବରକୋଳି, କରମଙ୍ଗା, କମଳା, ପିଜୁଳି, ସପେଟା ଓ ନାନା ଜାତିର ଫୁଲ ଚାଷ କରୁଛନ୍ତି। ଏହା କୌଣସି ବ୍ୟବସାୟ ଉଦ୍ଦେଶ୍ୟରେ ନୁହଁ ବରଂ ଗଛମାନଙ୍କ ସହ ତାଙ୍କ ଭଲପାଇବାକୁ ବାସ୍ତବ ରୂପ ଦେବା ଉଦ୍ଦେଶ୍ୟରେ ହିଁ ସେ ଏହା କରିଥିବା କୁହନ୍ତି। ଏହା ବ୍ୟତୀତ ସେଠାରେ ସେ ମାଛ ଓ ପଦ୍ମ ଚାଷ ମଧ୍ୟ ଋତୁ ଅନୁଯାୟୀ କରୁଥିବା ଦେଖିବାକୁ ମିଳିଛି। ଏପରି ନିଆରା ପ୍ରୟାସର ପ୍ରଶ୍ନରେ ଉତ୍ତର ଦେଇ ଲକ୍ଷ୍ମୀପ୍ରିୟା କହିଥିଲେ, ଛୋଟବେଳୁ ହିଁ ତାଙ୍କୁ ଗଛଲତାଙ୍କ ସହ ସମୟ ବିତାଇବାକୁ ଭଲ ଲାଗେ। ଏମିତି କରିବାରୁ ତାଙ୍କୁ ଶାନ୍ତି ମିଳିଥାଏ। ତା'ଛଡ଼ା ସେ ତାଙ୍କ ଗଛଗୁଡ଼ିକୁ କେବଳ ଲାଳନପାଳନ କରନ୍ତି ନାହିଁ, ବରଂ ନିଜ ଛୁଆଙ୍କ ପରି ତାର ଯତ୍ନ ମଧ୍ୟ ନିଅନ୍ତି। ୧୦ ବର୍ଷ ପୂର୍ବେ ଅଳ୍ପ କିଛି ଫୁଲ ଗଛ ଓ ଫଳ ଗଛରୁ ଆରମ୍ଭ କରିଥିବା ତାଙ୍କର ଏହି ପ୍ରୟାସ ବଢ଼ି ବଢ଼ି ଛାତ ପୂର୍ଣ୍ଣ ହୋଇ ସାରିଲାଣି। ପରିବା, ଫୁଲ ଓ ଫଳ ପାଇଁ ତାଙ୍କୁ ବାହାର ଦୋକାନ ଉପରେ ଏତେଟା ନିର୍ଭର କରିବାକୁ ପଡ଼ିନଥାଏ। ହାଇବ୍ରିଡ୍ ଚାରା ଓ ମଞ୍ଜି କିଣି ଆଣି ପ୍ରାକୃତିକ ଉପାୟରେ ଏସବୁ ଗଛ ଲଗାଇଛନ୍ତି। ଏବେ ବିନା କୌଣସି ରାସାୟନିକ ସାରର ବ୍ୟବହାର କରି କେବଳ ଖତ ଓ ପରିବା ଚୋପା ସାହାଯ୍ୟରେ ସେ ଏସବୁକୁ ବଢ଼ାଇଛନ୍ତି। ଏହି କାମରେ ତାଙ୍କ ପରିବାର ଲୋକ ମଧ୍ୟ ସାହାଯ୍ୟ କରିବା ସହ ପ୍ରେରଣା ଦିଅନ୍ତି। କେବଳ ଯେ ସେ ତାଙ୍କ ଗଛକୁ ଏତେ ଯତ୍ନରେ ଭଲପାଇବା ଦେଇଛନ୍ତି ତାହା ନୁହଁ ବରଂ ଗଛମାନଙ୍କଠୁ ବି ସେତିକି ଆନ୍ତରିକତା ମିଳେ ବୋଲି ବିଶ୍ୱାସ ରଖନ୍ତି। ଆଜିର ସମୟରେ ବୃକ୍ଷମାନଙ୍କୁ ବି ସେତିକି ଲାଳନ ପାଳନର ଆବଶ୍ୟକତା ରହିଛି ବୋଲି ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ କହିଛନ୍ତି।





## ଭୁବନେଶ୍ୱର ସିଟି

ମୁକ୍ତେଶ୍ୱର ନୃତ୍ୟ ଉତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟାଭିନୟ



**ଭୁବନେଶ୍ୱର, ୧୮।୧(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ 'ମୁକ୍ତେଶ୍ୱର ଉତ୍ସବ-୨୦୨୪'ର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶୀ ନୃତ୍ୟାଭିନୟ। ଆରମ୍ଭରେ ଶିବ ବନ୍ଦନା ରୁଦ୍ରାଷ୍ଟକମ୍ ଓଁ ନମଃ ଶିବାୟ ପରିବେଷଣ କରାଯାଇଥିଲା। ଯାହାକୁ ପରିବେଷଣ କରିଥିଲେ କଟକର ବିଶ୍ୱନାଥ ମିଶ୍ର ଓ ସାଥୀ। ପରେପରେ ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ଗୌରୀଶଙ୍କର ଦାଶ ବାଗେଶ୍ରୀ ପଲ୍ଲବୀ ପରିବେଷଣ କରିଥିଲେ। ଯାହା ଯତି ଓ ଏକତାଳୀ ଉପରେ ନିବଦ୍ଧ ଥିଲା। ତାଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା କୈବର୍ତ୍ତ ପ୍ରସଙ୍ଗ। ଏହାପରେ ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ଅନିକେତ୍ ପଲ୍ଲଭ ନାୟକ ଓ ବିଶ୍ୱରୂପା ଦିକ୍ଷିତ୍ ପରିବେଷଣ କରିଥିଲେ ବକୁଳାଭରଣ ପଲ୍ଲବୀ। ନୃତ୍ୟାଭିନୟରେ ଅର୍ଜୁନ ଦୁଇ ଅଧ୍ୟାୟ ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକା ଉପରେ ନିବଦ୍ଧ ଥିଲା। ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଗୁରୁ ପିତାମ୍ବର ବିଶ୍ୱାଳ ଓ ତାଙ୍କ ସୁରଭୀ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ। ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ହରିହର ଶବ୍ଦ। ପରେ ପରେ ରାଗ ବକୁଳାଭରଣ ଓ ତାଳ ଝମ୍ପା ଉପରେ ନିବଦ୍ଧ ବକୁଳାଭରଣ ପଲ୍ଲବୀ ପରିବେଷିତ ହୋଇଥିଲା। ସେମାନଙ୍କର ଅନ୍ତିମ ପ୍ରସ୍ତୁତିରେ ଭଦ୍ରକାଳିଷ୍ଟକ ପରିବେଷିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ଗୁରୁ ଡ. ଅରୁଣା ମହାନ୍ତି, ବିଶିଷ୍ଟ ଓଡ଼ିଶୀ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ କୁମାର ରଥ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସଙ୍ଗୀତା ଗୋସାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ୍। ଏହି ନୃତ୍ୟ ଉତ୍ସବର ସିଧା ପ୍ରସାରଣ ଦୂରଦର୍ଶନର କେନ୍ଦ୍ରର ଡିଡି ଭାରତୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପ୍ରସାରଣ କରାଯାଉଛି।

## ପ୍ରଶାନ୍ତ ନନ୍ଦଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ

**ଭୁବନେଶ୍ୱର, ୧୮।୧(ସମିସ):** ବରିଷ୍ଠ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ତଥା ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ ପାଇବେ ଚଳିତ ବର୍ଷର ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ। ଭାରତର ଅଭିନବ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ସ୍ମୃତିରେ ପ୍ରତିବର୍ଷ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯାଉଛି। ଜାନୁଆରୀ ୨୦ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ବୁଦ୍ଧ ମନ୍ଦିର ସଭାଗୃହରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯିବ। ଅନେକ ଓଡ଼ିଆ କଥାଚିତ୍ରରେ ଅଭିନୟ କରି ପୁରସ୍କାର ପାଇବା ସହିତ ବହୁ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଓ ପ୍ରଯୋଜନା ସହ ସୁଖ୍ୟାତି ଲାଭ କରିଥିବା ପ୍ରଶାନ୍ତ ନନ୍ଦଙ୍କୁ ଚଳିତ ବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ।

## ମେଡିକାଲ କର୍ମଚାରୀଙ୍କୁ ଅସଦାଚରଣ

**ଭୁବନେଶ୍ୱର, ୧୮।୧(ସମିସ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ଏକ ଘରୋଇ ମେଡ଼ିକାଲର କର୍ମଚାରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଯୁବତୀ ଜଣଙ୍କ ମୈତ୍ରୀବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷେ ମେଡିକାଲ କର୍ତ୍ତୃପକ୍ଷ ଯୁବତୀଙ୍କୁ ଚାକିରିରୁ ଓଲଟି ବିଦା କରି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମହିଳା କର୍ମଚାରୀଙ୍କୁ ତାଙ୍କ ସିନିଅର୍ ସୁପର୍‌ଭାଇଜର୍ ରାଜେନ୍ଦ୍ର ରାଓ ଗାଡ଼ିରେ ଅଫିସ ନେବା ଆଳରେ ନିଜ ଘରକୁ ନେଇ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ। ଯୁବତୀ ଜଣକ ପାଟି କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ସୁପର୍‌ଭାଇଜର୍ ରାଜେନ୍ଦ୍ର। ହସ୍ପିଟାଲରେ ମଧ୍ୟ ଏହିପରି ବ୍ୟବହାର କରିବାରୁ ଯୁବତୀ ଜଣକ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ୍ ହୋଇଥିଲେ।

## 'ଉତ୍କଳ'ରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୧୮।୧(ସମିସ):** ଓଡ଼ିଶାର ଯୁବପିଢ଼ିଙ୍କୁ ସଂଗଠିତ ଓ ସଶକ୍ତୀକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା 'ନୂଆ-ଓ'(ନୂତନ ଉନ୍ନତ ଅଭିଳାଷା ଓଡ଼ିଶା) କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା' ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମାନସିକ ସ୍ତରରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରତି ଆଗ୍ରହ ବୃଦ୍ଧି କରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହାସହିତ ସଂସ୍କୃତିର ପ୍ରଚାର ପ୍ରସାରରେ ମଧ୍ୟ ବହୁଳ ଭାବେ ସହାୟକ ହୋଇପାରିବ ବୋଲି କହିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଆ ହସ୍ତଲିଖନ, ଓଡ଼ିଆ କୁଇଜ୍ ପ୍ରତିଯୋଗିତା ସହ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ମାର୍ଗଦର୍ଶନ ଓ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ନବନୀତା ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ନୋଡାଲ ଅଧିକାରୀ ପ୍ରଫେସର ମିତାଲି ଚିନ୍ନାରା, ସଂସ୍କୃତ ବିଭାଗ ମୁଖ୍ୟ ଡ.ବ୍ରଜସୁନ୍ଦର ମିଶ୍ର, ଇଂରାଜୀ ବିଭାଗ ମୁଖ୍ୟ ଡ. ତନୁତୃଷ୍ଣା ପାଣିଗ୍ରାହୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଆର୍ଟିଷ୍ଟ ତ୍ରିଲୋଚନ ସାମଲ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟକଳା ବିଭାଗ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଜେନା, ଡ. ମଞ୍ଜୁସ୍ମିତା ଦାଶ, ଡ. ସନାତନ ମାଝୀ ଏବଂ ଡ. କବିତା ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଛନ୍ତି। ଶୁକ୍ରବାର ଓଡ଼ିଆ କବିତା ପଠନ ଓ ଓଡ଼ିଆ ଗଳ୍ପ କଥନ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ତୃତୀୟ ଓ ଚତୁର୍ଥ ଦିବସରେ ଓଡ଼ିଆ ସଙ୍ଗୀତ, ଓଡ଼ିଆ ଲୋକନୃତ୍ୟ, ଜଗନ୍ନାଥ ସଂସ୍କୃତି ଉପରେ ବକ୍ତୃତାମାଳା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୱାର୍ଲଡ୍ ଓଡ଼ିଶା ସୋସାଇଟିର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୮।୧(ସମିସ):** ଓଡ଼ିଶାର ସର୍ବାଙ୍ଗୀଣ ଉନ୍ନୟନ ପାଇଁ ବିଶ୍ୱଭରି ଓଡ଼ିଆ ଭୌତିକ ଓ ବୌଦ୍ଧିକ ଅନୁଦାନ ପ୍ରଦାନ କରିବାକୁ ୱାର୍ଲଡ୍ ଓଡ଼ିଶା ସୋସାଇଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ସୋସାଇଟିର ତୃତୀୟ ପ୍ରତିଷ୍ଠା ଦିବସ ଅବସରରେ ସୋସାଇଟି ତରଫରୁ ପ୍ରଥମଥର ପାଇଁ ଆନ୍ତର୍ଜାତିକ ସ୍ତରରେ ଦୁବାଇ, ଜାତୀୟ ସ୍ତରରେ ଗଜିଆବାଦ ଓ ରାଜ୍ୟସ୍ତରରେ ଭୁବନେଶ୍ୱର ଠାରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଆଭାସି ମଞ୍ଚରେ ବିଶ୍ୱର ବିଭିନ୍ନ ଦେଶରୁ ଓଡ଼ିଆମାନେ ସାମିଲ ହୋଇଥିବା ଦେଖାଦେଇଥିଲା। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବିଶିଷ୍ଟ ଅତିଥି ତଥା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଡ଼ିଶାର ବହୁବିଧ ବିବିଧତା ଓ ବ୍ୟାପକ ବୈଭବକୁ ଆନ୍ତର୍ଜାତିକ ଦରବାରରେ ପରିଚିତ ଓ ପ୍ରତିଷ୍ଠିତ କରିବା ନେଇ ୱାର୍ଲଡ୍ ଓଡ଼ିଶା ସୋସାଇଟିର ସକ୍ରିୟ ସାହାଯ୍ୟ କାମନା କରିଥିଲେ। ଅନ୍ୟତମ ଅତିଥି ଆଟମୋସସ୍ଫିଅର୍ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ସୌଭାଗ୍ୟ ମହାପାତ୍ର, ସୋସାଇଟିର ପ୍ରତିଷ୍ଠାତ୍ରୀ ଡ. ଅରୁନ୍ଧତୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ।

# ମାସର ଶେଷ ଶନି, ରବିବାର ବସ୍ତିରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା




**ଭୁବନେଶ୍ୱର, ୧୮।୧(ସମିସ):** କମିସନରେଟ୍ ପୁଲିସ ଅଧୀନରେ କାର୍ଯ୍ୟରତ ପୁଲିସ ଭାଇ ଓ ଭଉଣୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ଲାଗି କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଗ୍ୟାଷ୍ଟ୍ରୋଲିଭର କେୟାର ଫାଉଣ୍ଡେସନର ସହ କମିସନରେଟ ପୁଲିସର ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଯାଇଛି। ଏଥି ସହିତ ରାଜଧାନୀର ବସ୍ତିବାସିନ୍ଦା, ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଯକୃତ କିପରି ସୁସ୍ଥ ରହିବ ଏହାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ପୁଲିସ

**ଗ୍ୟାଷ୍ଟ୍ରୋଲିଭର କେୟାର ଫାଉଣ୍ଡେସନ-କମିସନରେଟ୍ ପୁଲିସର ବୁଝାମଣା**

କମିସନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଗ୍ୟାଷ୍ଟ୍ରୋଲିଭର କେୟାର୍ ଫାଉଣ୍ଡେସନର ଟ୍ରଷ୍ଟି ଡାକ୍ତର ପ୍ରଫେସର ଡାକ୍ତର ମନୋଜ କୁମାର ସାହୁଙ୍କ ଉପସ୍ଥିତ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ଅବସରରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଏହି ବୁଝାମଣାପତ୍ର ସ୍ୱାକ୍ଷରର ୪ଟି ପ୍ରମୁଖ ଲକ୍ଷ୍ୟ ରଖାଯାଇଛି। କମିସନରେଟ୍ ପୁଲିସର କର୍ମଚାରୀମାନେ କିପରି ସୁସ୍ଥ ରହିବ, ସେମାନଙ୍କ ଯକୃତ କିପରି ସୁସ୍ଥ ରହିବ ସେ ଦିଗରେ ଗୁରୁତ୍ୱ ଦିଆଯାଇଛି। ପୁଲିସ ସହ ଭୁବନେଶ୍ୱରର ବିଭିନ୍ନ ବସ୍ତି ଓ ଶିକ୍ଷାନୁଷ୍ଠାରେ ଏହି ସ୍ୱାସ୍ଥ୍ୟସେବା ମାଗଣାରେ ଦିଆଯିବ। ପ୍ରତି ମାସର ଶେଷ ଶନିବାର ଓ ରବିବାର ରାଜଧାନୀର ଶିକ୍ଷାନୁଷ୍ଠାନ ଏବଂ ବସ୍ତିରେ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚିବେ। ସେଠାରେ ମାଗଣା ପରୀକ୍ଷା ଓ ଟିକାକରଣ କରାଯିବ ବୋଲି ପ୍ରଫେସର ଡାକ୍ତର ମନୋଜ ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୁଲିସ କମିସନର ବ୍ରିଜେଶ ରାୟ ଉପସ୍ଥିତ ଥିଲେ।

# କଳାକାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଲିପାଟଣା, ୧୮।୧(ସମିସ):** ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ସ୍ଥାନୀୟ କଳାକାରମାନଙ୍କୁ ନେଇ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୯୪ଟି ସାଂସ୍କୃତିକ ଦଳ ଯୋଗଦେଇ ଥିଲେ। ସେମାନଙ୍କ ମଧ୍ୟରୁ ୪୦ଟି ଗୋଷ୍ଠୀ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୫ଟି ଲୋକ କଲ୍ୟାଣକାରୀ ଯୋଜନାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ କଳା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଚୟନ ହୋଇଛନ୍ତି। ପାଲା, ଦାସକାଠିଆ, ସଂକୀର୍ତ୍ତନ ଓ ଗୋଟିପୁଅ ନୃତ୍ୟ ଇତ୍ୟାଦି ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ କରି ବାର୍ତ୍ତା 'ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଗତ ୧୨ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟନ କାର୍ଯ୍ୟକ୍ରମ



କରାଯାଇଥିଲା। ମମତା, ବିଏସ୍‌କେୱାଇ, ମିଶନଶକ୍ତି, ବିଭିନ୍ନ ପେନସନ, ଆଦର୍ଶ ବିଦ୍ୟାଳୟ, ଫସଲ ବୀମା, ରିହାତି ସୁଧ ଋଣ, କ୍ରୀଡ଼ା, '୫-ଟି', ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ୍ ଇତ୍ୟାଦି ସୁବିଧା ସମ୍ପର୍କରେ ଲୋକେ କଳାକାରଙ୍କ ଠାରୁ ସଙ୍ଗୀତ ଓ ଅଭିନୟ ମାଧ୍ୟମରେ ଜାଣି ସଚେତନ ହେବେ। ଆଜିର କାର୍ଯ୍ୟକ୍ରମ ବିଡିଓ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟାନ୍ୟ ଅତିଥି ଭାବରେ ଜିଲ୍ଲା କଳାକାର ସଂଘ ଉପସଭାପତି କବିରାଜ ପ୍ରଧାନ, ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ସାଧନକର୍ମୀ ପ୍ରଭାତ ଜେନା ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ କଳାକାର ଓ ଗଣମାଧ୍ୟମ ଭାଇମାନଙ୍କୁ ଉତ୍ତରୀୟ ଓ ଫୁଲ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ବିଏସ୍‌ଏସ୍ ଓ ଦିବ୍ୟଜ୍ୟୋତି ଭୂତିଆ, ସଂଗ୍ରାମ କେଶରୀ ଦାସ ପରିଚାଳନା କରିଥିଲେ।

## ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନର ବାର୍ଷିକୋତ୍ସବ

**ଭୁବନେଶ୍ୱର, ୧୮।୧(ସମିସ):** ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନର ବାର୍ଷିକୋତ୍ସବ ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ କଳା ଜଗତରେ ସାଧନା, କର୍ତ୍ତବ୍ୟ ପରାୟଣତା, ନିଷ୍ଠା, ନୈତିକତା ଓ ମାନବିକତାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନ ଏକ ସମ୍ମାନର ପର୍ବ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ କରିଥାଏ। ସ୍କିଲ ଇଣ୍ଡିଆର, ମିଡିଆ ଓ ଏଣ୍ଟରଟେନ୍‌ମେଣ୍ଟ ଜନସମ୍ପର୍କ ଅଧିକାରୀ ପୂଜା ଆରୋରା, ସିନେ ପ୍ରଯୋଜକ ଯତୀନ ନାୟକ, ଶୁଭ୍ରା ପଟ୍ଟନାୟକ, କାହାଣୀକାର ଦ୍ୱାପାୟନ ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଭିନେତା ଅମର ମହାପାତ୍ର ଏବଂ ଉପଦେଷ୍ଟା ପ୍ରଣୟ ଜେଠୀ ମଞ୍ଚ ଅଳଙ୍କୃତ କରିଥିଲେ। ଅନୁଷ୍ଠାନର ବାର୍ଷିକ ବିବରଣୀ ପୂର୍ଣ୍ଣଚନ୍ଦ୍ର ବେହେରା ପାଠ କରିଥିଲେ। ସଭାରେ ଦୁଇଟି ଚଳଚ୍ଚିତ୍ର ଅପରେସନ୍ ୧୨/୧୭ର ପ୍ରଯୋଜିକା ଶୁଭ୍ରା ପଟ୍ଟନାୟକ ଓ ଟିମ୍‌ର କଳାକାରଙ୍କୁ ଏବଂ 'ଆକାଶବାଣୀ'ର ପ୍ରଯୋଜକ, ଅଭିନେତା ରୋହନ ଗର୍ଗ, ପୂର୍ଣ୍ଣିମା ବରାଳ (ପୂଜା), କ୍ୟାମେରାମ୍ୟାନ ବୁବୁଙ୍କୁ ସମ୍ମାନିତ କରାଯାଇଥିଲା। ଚଳଚ୍ଚିତ୍ର ଜଗତର ଅନ୍ୟାନ୍ୟ କଳାକାର ତଥା



ଟେକ୍ନିସିଆନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହାସହିତ କବିତା ପାଠ, ବନ୍ଧୁମିଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବର୍ଦ୍ଧନା ପର୍ବ ମାଧ୍ୟମରେ କଳା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସମସ୍ତ ଟେକ୍ନିସିଆନଙ୍କୁ ସ୍କିଲ୍ ଇଣ୍ଡିଆ ଅନ୍ତର୍ଭୁକ୍ତ କରି ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ନେଇ ପୂଜା ଆରୋରା ଘୋଷଣା କରିଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଚେଷ୍ଟା ବଳରେ ଏହି ଅନୁଷ୍ଠାନର ଉତ୍ପତ୍ତି ହୋଇଛି।

● ପ୍ରକୃତିଙ୍କ କଣ୍ଠରେ 'ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଭଜନ'

## ଚକାନୟନରେ ପ୍ରଭୁ କରିଲ କିମିଆଁ...



**ଭୁବନେଶ୍ୱର, ୧୮।୧(ସମିସ):** 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ନେଇ ଗୀତ ଗାଇ ଓଲିଉଡ୍ ଅଭିନେତ୍ରୀ ପ୍ରକୃତି ମିଶ୍ର ଗୀତଗାଇ ଏବେ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ ପାଲଟିଛନ୍ତି। ଗୀତଟିକୁ ସଂଯୋଜନା କରିଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ତଥା ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର। ଏନେଇ ପ୍ରକୃତି କହିଛନ୍ତି ଯେ, ପରିକ୍ରମା ପ୍ରକଳ୍ପର ଉଦଘାଟନୀ ଅବସରରେ ମୁଁ ଆଉ ମୋ ନନା (ମନ୍ମଥ ମିଶ୍ର) ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୀତଟିଏ କରିବାକୁ ପ୍ରୟାସ କରିଥିଲୁ। ପିଲାଦିନେ ନନାଙ୍କ ସହ ଭଜନ ଗାଇଥିଲି ତେବେ ବହୁଦିନ ବ୍ୟବଧାନରେ ନନାଙ୍କ ସହ ଏହି ଗୀତ କରିବାକୁ ସୁଯୋଗ ମିଳିଲା। ସେଥିପାଇଁ ମୋତେ ବହୁତ ଗର୍ବ ଅନୁଭବ କରୁଛି। ଚିରାଚରିତ ଢଙ୍ଗରୁ ଟିକେ ଅଲଗା ଭାବେ ଗୀତଟିକୁ ନିର୍ମାଣ କରାଯାଇଛି। ଫଳରେ ଆଜିକାଲିର ଯୁବଗୋଷ୍ଠୀ ଭଜନ ଶୁଣିବେ ଏବଂ ଗାଇବାକୁ ଆଗ୍ରହୀ ହେବେ। ଏନେଇ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର କହିଛନ୍ତି ଜଣେ କଳାକାର ଭାବେ ପିଲାଦିନରୁ ଶ୍ରୀଜଗନ୍ନାଥଙ୍କ ସହ ନିବିଡ଼ତା ରହିଛି। ସମସ୍ତ ଦର୍ଶକଙ୍କ ସହ ଯୁବପିଢ଼ିଙ୍କୁ ଏହା ନିଶ୍ଚୟ ଭଲ ଲାଗିବ ବୋଲି ଆଶାବ୍ୟକ୍ତ କରିଛନ୍ତି ମନ୍ମଥ।

## ୧୩ କିଲୋ ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୮।୧(ସମିସ):** ବେଆଇନ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଖାରବେଳ ନଗର ଥାନା ପୁଲିସ ଶାସ୍ତ୍ରୀନଗରର

**ମହିଳାଙ୍କ ସମେତ ୨ ଗିରଫ**

ପ୍ରତାପ ଚନ୍ଦ୍ର ସାହୁକୁ ଗିରଫ କରିଥିବାବେଳେ ଅବକାରୀ ବିଭାଗ କପିଳେଶ୍ୱରର ଅହଲ୍ୟା ସାହୁଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ଖାରବେଳ ନଗର ଥାନା ପୁଲିସର ଏକ ଟିମ୍ ୟୁନିଟ୍ ୪ ମାର୍କେଟରେ ଚଢ଼ଉ କରିଥିଲା। ସେଠାରୁ ପ୍ରତାପକୁ ଗିରଫ କରିବା ସହିତ ତା' ଠାରୁ ୧କିଲୋ ୧୫୦ ଗ୍ରାମ୍ ଓଜନର ଗଞ୍ଜେଇ ଓ ଏକ ଆଧାର କାର୍ଡ ଜବତ କରିଥିଲା। ସେହିପରି ଅବକାରୀ ବିଭାଗର ଟିମ୍ ଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର ହାଇସ୍କୁଲ ନିକଟରେ ଚଢ଼ଉ କରିଥିଲା। ସେଠାରୁ ଅହଲ୍ୟାଙ୍କୁ ଗିରଫ କରିବା ସହିତ ମୋଟ ୧୨ କିଲୋ ଗଞ୍ଜେଇ ଓ ଗଞ୍ଜେଇ ଭର୍ତ୍ତି ସିଗାରେଟ୍ ଜବତ କରିଥିଲା।

**ରାସ୍ତାରେ ଭାସୁଛି ମଇଳାପାଣି**

# ଘର ଭିତରେ ପୋକ ସାଲୁବାଲୁ

**ଭୁବନେଶ୍ୱର, ୧୮।୧(ସମିସ):**

ରାସ୍ତାରେ ଭାସୁଛି ଡ୍ରେନ୍ ପାଣି। ଖାଲି ଡ୍ରେନ୍ ପାଣି ନୁହେଁ, ପାଣିରେ ସାଲୁବାଲୁ ହେଉଛନ୍ତି ପୋକ। ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଯିବା ଆସିବା ବେଳେ ମୁହଁରେ କପଡ଼ା ନ ବାନ୍ଧିଲେ ଯିବା ଅସମ୍ଭବ ହୋଇପଡୁଛି। ଖାଲି ପାଦରେ ଏହି ବାଟ ଦେଇ ଲୋକେ ସଂକ୍ରମଣର ଶିକାର ହୋଇଥିବା ବି ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ରସୁଲଗଡ଼ସ୍ଥିତ ବାସୁଦେବ ନଗରରେ। ଡ୍ରେନ୍ ପୋତି ହେଇଯିବାରୁ ପାଣି ଉଛୁଳି ରାସ୍ତାରେ ପ୍ରବାହିତ ହେଉଛି। ଏମିତିକି ଅନେକ ଲୋକଙ୍କ ଘର ଗେଟ୍ ଅତିକ୍ରମ କରି ଭିତରକୁ ବି ଏହି ଆବର୍ଜନା ପାଣି ପଶିଯାଉଥିବା କହିଛନ୍ତି ସ୍ଥାନୀୟ ଲୋକେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୱାର୍ଡ ନମ୍ବର ୧୯ରେ ରହିଛି ବାସୁଦେବ ନଗର। ଏହି ଅଞ୍ଚଳରେ ପ୍ରାୟ ୪୦୦ରୁ ଅଧିକ ପରିବାର ରହୁଥିବା ବେଳେ ପ୍ରାୟ ୫ହଜାର ଲୋକ ବସବାସ କରୁଛନ୍ତି। ଏଠାରେ ବହୁ ବର୍ଷ ପୂର୍ବରୁ ଏକ ଡ୍ରେନ୍ ନିର୍ମାଣ ହୋଇଥିଲା। କିନ୍ତୁ ଧୀରେ ଧୀରେ ନୂତନ ଘର ନିର୍ମାଣ କରାଯିବା ବେଳେ ଡ୍ରେନ୍‌ଟି ପୋତି ହୋଇ ରହିଛି। ପୂର୍ବରୁ ଡ୍ରେନ୍ ସହ ସଂଯୋଗ କରାଯାଇଥିବା ସ୍ଥାନୀୟ ଲୋକଙ୍କ ଘର ନଳାରୁ ନିର୍ଗତ ଆବର୍ଜନା ପାଣିରେ ଡ୍ରେନ୍ ଭର୍ତ୍ତି ହେଉଛି। ହେଲେ ମୁଖ୍ୟ ଡ୍ରେନ୍‌କୁ ସଂଯୋଗ ହୋଇନଥିବାରୁ ଅଧାରେ ଅଟକି ରହିଛି। ଫଳରେ ଏହି ଆବର୍ଜନା ପାଣି ମାସ ମାସ ଧରି ଜମି ରହୁଥିବାରୁ ତାହା କଳା ରଙ୍ଗ ହୋଇଯିବା ସହ ଦୁର୍ଗନ୍ଧରେ ଲୋକେ ପଦାକୁ ବାହାରି ପାରୁ ନଥିବା କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଣିରେ ସାଲୁବାଲୁ ହେଉଛନ୍ତି ପୋକ। ଏହି ପାଣି ଅନେକଙ୍କ ଦୁଆରମୁହଁରେ ପ୍ରବାହିତ ହେବା ସହ ଘର ଭିତରେ ପୋକ ଚାଲୁଥିବା ଦେଖିବାକୁ ମିଳିଛି। ତେବେ ଛୋଟ ପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ରହୁଥିବା ଲୋକମାନେ ଏବେ ସଂକ୍ରମଣ ଭୟରେ ରହୁଥିବା କହିଛନ୍ତି। ଏ ନେଇ ୱାର୍ଡର କର୍ପୋରେଟରଙ୍କୁ ଜଣାଇବା ସହ ନୂତନ ଡ୍ରେନ୍ ନିର୍ମାଣ ଏବଂ ପୁରୁଣା ଡ୍ରେନ୍ ସଫା କରିବାକୁ ବହୁବାର



**ହୀନସ୍ତା ହେଉଛନ୍ତି ବାସୁଦେବ ନଗରବାସୀ**

ଅଭିଯୋଗ କରାଯାଇଥିଲେ ବି କୌଣସି ସୁଫଳ ମିଳି ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ୱାର୍ଡର କର୍ପୋରେଟର୍ ସ୍ମୃତିରେଖା ବରିଶଲ କହିଛନ୍ତି ଯେ, ଯେତେବେଳେ ଭାଗବତସନ୍ଧାନ ନିକଟରେ ଡ୍ରେନ୍ ନିର୍ମାଣ ହୋଇ ନ ଥିଲା ସେତେବେଳେ ଆରଡ଼ି ଡିପାର୍ଟମେଣ୍ଟ ଏହି ଡ୍ରେନ୍ ନିର୍ମାଣ କରିଥିଲା। କିନ୍ତୁ ଡ୍ରେନ୍‌ଟି ଶେଷ ହୋଇ ନ ଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ତେବେ ବାସୁଦେବନଗରରେ ବର୍ଷା ସମୟରେ ମଟର ପମ୍ପ ଯୋଗେ ପାଣି ଉଠାଯାଉଥିବାରୁ ଏହି ସମସ୍ୟାର ସମାଧାନ ପାଇଁ ନୂତନ ଡ୍ରେନ୍ ନିର୍ମାଣ ପାଇଁ ବଜେଟ୍ ଅନୁମୋଦନ ହୋଇଥିଲା। କିନ୍ତୁ ସ୍ୱଳ୍ପ ବଜେଟ୍‌ରେ ଗଭୀର ଡ୍ରେନ୍ ନିର୍ମାଣ କରାଯାଇପାରିବ ନାହିଁ ବୋଲି ପୁନର୍ବାର ଟେଣ୍ଡର ପାଇଁ ଆବେଦନ ହୋଇଛି। ସପ୍ତାହେ ମଧ୍ୟରେ ଟେଣ୍ଡର ପାସ୍ ହେବାର ସମ୍ଭାବନା ରହିଛି। ଖୁବଶୀଘ୍ର କାମ ଆରମ୍ଭ ହେବ। ଡ୍ରେନ୍ ନିର୍ମାଣ ହେଲେ ବାସୁଦେବନଗରେ ଏହି ସମସ୍ୟା ରହିବ ନାହିଁ।

